୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK    ପର୍ଯ୍ୟବେକ୍ଷକ

Vol.26 . No.133 Bhubaneswar Sunday June 30 2024 | ୨୬ତମ ବର୍ଷ ସଂଖ୍ୟା–୧୩୩ ଭୁବନେଶ୍ୱର, ରବିବାର, ଜୁନ ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹..50 (Air Surcharge - 0.50P) | Member-INS

## ‘ସେପ୍‌ଟେମ୍ବର ୧୭ରୁ କାର୍ଯ୍ୟକାରୀ ହେବ ସୁଭଦ୍ରା ଯୋଜନା’

ଭୁବନେଶ୍ୱର,୨୯।୬(ପି.ଏନ): ରାଜ୍ୟର ବିଜେପି ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ଆସନ୍ତା ସେପ୍‌ଟେମ୍ବର ୧୭ତାରିଖରୁ ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ପତ୍ତି ନେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍‌ଟେମ୍ବର ୧୭ତାରିଖରେ ହୋଇଥିବାରୁ ଉକ୍ତଦିନ ହିଁ ରାଜ୍ୟ ସରକାର ‘ସୁଭଦ୍ରା’ ଯୋଜନାକୁ କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି ।ଆଜି ନୂଆଦିଲ୍ଲୀରେ ପ୍ରବାସୀ ଓଡିଆଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ,ସେପ୍‌ଟେମ୍ବର ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ହିଁ ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଉକ୍ତଦିନ ଓଡିଶା ଆସି ଏହି ଯୋଜନାର ଲୋକାର୍ପଣ କରିବେ । ଉକ୍ତଦିନ ୫ଲକ୍ଷ ମହିଳାଙ୍କୁ ଏହି ଯୋଜନାର ଭାଉଚର ଯୋଗାଇ ଦିଆଯିବ । ଏହାସହିତ ରାଜ୍ୟର




ବିଜେପି ସରକାର ନିଜର ପ୍ରତିଶ୍ରୁତି ମୁତାବକ ଆସନ୍ତା ଖରିଫ ଋତୁରୁ ଧାନର ଏମଏସପି ୩୧୦୦ଟଙ୍କା କ୍ୱିଣ୍ଟାଲ ପିଛା ଦେବ ବୋଲି ଶ୍ରୀ ମାଝୀ କହିଛନ୍ତି । କେନ୍ଦ୍ର ସରକାର ଏବେ ଧାନର କ୍ୱିଣ୍ଟାଲ ଏମଏସପି ୨୩୦୦ଟଙ୍କା ଦେବେ ଓ ବାକି ୮୦୦ଟଙ୍କା ରାଜ୍ୟ ସରକାର ଉଭୟ ଖରିଫ ଓ ରବି ଋତୁରେ ଚାଷୀଙ୍କୁ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ସରକାର ନିଜର ୧୦୦ଦିନର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନା ଓ ଚାଷୀଙ୍କୁ ୩୧୦୦ଟଙ୍କାର ଏମଏସପି ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

## ଗୋଡ ବଦଳରେ ୯ ବର୍ଷୀୟ ପିଲାର ଗୁପ୍ତାଙ୍ଗରେ ଅପରେସନ କରିଦେଲେ ଡାକ୍ତର

ନୂଆଦିଲ୍ଲୀ,୨୯।୬(ପି.ଏନ): ଗୋଡର ଅପରେସନ ପାଇଁ ୯ ବର୍ଷୀୟର ପିଲାକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ମହାରାଷ୍ଟ୍ରର ଥାନରେ ଥିବା ଗୋଟିଏ ହସ୍ପିଟାଲର ଡାକ୍ତରମାନେ ଗୋଡ ବଦଳରେ ପିଲାଟିର ଗୁପ୍ତାଙ୍ଗରେ ଅପରେସନ କରି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।ସାଙ୍ଗମାନଙ୍କ ସହ ଖେଳିବା ବେଳେ ପିଲାଟିର ଗୋଡରେ ଗତ ମାସରେ ଆଘାତ ଲାଗିଥିଲା । ଏଥିପାଇଁ ତାଙ୍କୁ ଜୁନ ୧୫ରେ ଶାହାପୁର ସ୍ଥିତ ଉପ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।



## ପ୍ରତି ମାସରେ ମହିଳାଙ୍କୁ ମିଳିବ ୧୫୦୦ଟଙ୍କା, ୩ଟି ମାଗଣା ସିଲିଣ୍ଡର

ଭୁବନେଶ୍ୱର,୨୯।୬(ପି.ଏନ): ସରକାର ବଦଳିବା ପରେ ବଦଳୁଛି ଗୋଟିଏ ପରେ ଗୋଟିଏ ନିୟମ । ଲୋକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ନୂଆ ଯୋଜନା ଆରମ୍ଭ କରୁଛନ୍ତି । ଯାହାଫଳରେ ସାଧାରଣ ଜନତା ଉପକୃତ ହୋଇ ପାରିବେ । ଗରିବ ତଥା ଦିନ ମଜୁରିଆଙ୍କୁ ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି ବିଜେପି ସରକାର । ନିର୍ବାଚନ ପୂର୍ବରୁ ଜନତା ଜନାର୍ଦ୍ଦନକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଗୋଟି ଗୋଟି କରି ସମସ୍ତ କଥାକୁ ଏବେ ସରକାର କାମରେ କରି ଦେଖାଉଛନ୍ତି । ଏଥିମଧ୍ୟରେ ମହିଳାଙ୍କ ବିକାଶ ପାଇଁ ମାସିକ ଭତ୍ତା ଏବଂ ମାଗଣା ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର ।ବିକାଶର ଏକ ନୂଆ ପଥରେ ଆଗେଇ ନେବାକୁ ଚେଷ୍ଟା କରୁଛନ୍ତି ସରକାର । ନିର୍ବାଚନ ପ୍ରଚାର ବେଳେ ସରକାର ଯାହା ସବୁ ପ୍ରତିଶ୍ରୁତି ଦେଇଥିଲେ, ତାହା ଏବେ ଗୋଟି ଗୋଟି କରି ପୂରଣ କରିବାକୁ ଲାଗି ପଡ଼ିଛନ୍ତି । ଫୁଲସ୍ପିଡରେ ଚାଲିଛି କାମ , ସରକାର ବେଶ୍ ଆକ୍ଟିଭ ମୋଡରେ ଥିବା ବେଳେ ସରକାରଙ୍କ ଫୋକସରେ ବିଶେଷ କରି ରହିଛନ୍ତି ମହିଳା ଓ କୃଷି । ମହିଳା କିଭଳି ଭାବରେ ସ୍ୱାମଲମ୍ବୀ ହୋଇ ପାରିବେ ସେଥିପାଇଁ ଏବେ ମହିଳାଙ୍କ ସରକାର ଆରମ୍ଭ କରିଛନ୍ତି ନୂଆ ଯୋଜନା ଏଣିକି ପ୍ରତି ମାସରେ ମହିଳାଙ୍କୁ ୧୫୦୦ଟଙ୍କା ଲେଖାଏଁ ଭତ୍ତା ଯୋଗାଇ ଦିଆଯିବ । ଏଥିସହିତ ପରିବାର ପିଛା ମାଗଣା ୩ ଟି ମାଗଣା ସିଲିଣ୍ଡର ମଧ ମିଳିବା ନେଇ ସରକାର ଘୋଷଣା କରିଛନ୍ତି । ଏହାସହ ୪୪ ଲକ୍ଷ ଚାଷୀଙ୍କୁ ବିଦ୍ୟୁତ୍ ବିଲ୍ ଦେୟ ଛାଡ କରାଯିବା ସହ ୫୦୦୦ ଟଙ୍କା ବୋନସ ଦିଆଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ସରକାରଙ୍କ ଏହି ଘୋଷଣା ସାଧାରଣ ଜନତାଙ୍କ ମୁହଁରେ ଖୁସି ଭରି ଦେଇଛି । ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତିକୁ ନ ଭୁଲି କଥା ଦେଇ କଥା ରଖିଛନ୍ତି ସରକାର ।

## ୧୩ ଜିଲ୍ଲାରେ ଉତ୍ପାତ କରିବ ବର୍ଷା ! ଲଘୁଚାପ ଯୋଗୁଁ ପ୍ରବଳ ବର୍ଷା ସମ୍ଭାବନା, ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୯।୬(ପି.ଏନ): ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଲଘୁଚାପ କ୍ଷେତ୍ର ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ପ୍ରାୟ ୧୩ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆସନ୍ତାକାଲି ମୟୁରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଛି । ତେଣୁ ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ନେଇ ଅନ୍ୟ ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଗାରି କରାଯାଇଛି । ଏହି ତାଲିକାରେ ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ ସମେତ ବରଗଡ ଏବଂ ଅନୁଗୁଳକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାକୁ ମଧ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହାବ୍ୟତୀତ ତଳି ଅଞ୍ଚଳରେ ପାଣି ଜମିବା ନେଇ ସତର୍କ କରାଇଛନ୍ତି ଏସଆରସି ।

## ୮ ବର୍ଷର ପୁଅକୁ ଟାଣିନେଲା କୁମ୍ଭୀର

ଅନୁଗୁଳ,୨୯।୬(ପି.ଏନ): ପୁଣିଥରେ ଲୋକଙ୍କୁ ଘାରିଛି କୁମ୍ଭୀର ଆତଙ୍କ । ୮ ବର୍ଷର ଜଣେ କୁନି ବାଳକକୁ କୁମ୍ଭୀର ନିଜ ଶିକାର ବନାଇଛି । ଖେଳୁଥିବା ବେଳେ ୮ ବର୍ଷର ଏହି କୁନି ବାଳକଟିକୁ ଟାଣିନେଇଛି କୁମ୍ଭୀର । ଟିକରପଡା ମହାନଦୀ କୂଳରେ ପିଲାଟି ଖେଳୁଥିବା ବେଳେ ଏଭଳି ଏକ ଅଘଟଣ ଘଟିଯାଇଛି । ଏହାର କିଛି ସମୟ ପରେ ପିଲାଟିର ମୃତଦେହ ଉଦ୍ଧାର କରିଛନ୍ତି ସ୍ଥାନୀୟ ଲୋକେ । ମୃତ ନାବାଳକଟି ଟିକରପଡା ଘାଟ ସାହି ଅଞ୍ଚଳର ହୋଇଥିବା ସୂଚନା ମିଳିଛି ।

## ସରକାରଙ୍କୁ ଓପନ୍ ଚ୍ୟାଲେଞ୍ଜ କଲେ ବାଲି ମାଫିଆ, ଚଢାଉ ବେଳେ ମାଇନିଂ ଅଫିସରଙ୍କୁ ଘେରିଗଲେ

କପ୍ତିପଦା,୨୯।୬(ପି.ଏନ): ବେଆଇନ ଭାବେ କରୁଥିଲେ ବାଲି ଚୋରା ଚାଲାଣ, ମାଡି ବସିଲା ମାଇନିଂ ବିଭାଗ । ଆଉ କରିଲା ମୋଟା ଅଙ୍କର ଫାଇନ । ଫାଇନ ହେବା ପରେ ତାତିଲେ ମାଫିଆ, ବିଭାଗ ଗାଡି ଏବଂ ଅଧିକାରୀ ରଖିଲେ ଅଟକ । ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ଥାନା ବଡବିଶୋଳ ଛକରେ । ସରକାରଙ୍କୁ ଓପନ୍ ଚ୍ୟାଲେଞ୍ଜ କଲେ ବାଲି ମାଫିଆ, ଚଢାଉ କରିବାକୁ ଆସିଥିବା ମାଇନିଂ ଅଫିସରଙ୍କୁ ଘେରି ଯାଇ ଏମିତି କଲେ । ବେଆଇନ ସାମ୍ରାଜ୍ୟର ବାସ୍ନା ସାଜିଛନ୍ତି ବାଲି ମାଫିଆ । ନିଜକୁ ନିଜେ ସର୍ବେସର୍ବା ଭାବୁଛନ୍ତି , ସରକାଙ୍କୁ ଓପନ ଚ୍ୟାଲେଂଚ୍ କରି ଦିନ ଦିପହରେ ନଦୀ ପାଂରୁ ଲୁଟି ନେଉଚ୍ଛନ୍ତି ଟ୍ରିପ ଟ୍ରିପ ବାଲି ।ଯାହାକୁ ନେଇ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଏଠି ମାଲେମାଲ ହେଉଛନ୍ତି ବାଲି ମାଫିଆ । ଟଙ୍କା ଗଦି ଉପରେ ଶୋଉଚ୍ଛନ୍ତି । ଆଉ ଯେତେବେଳେ ବାଲି ମାଫିଆଙ୍କୁ ସାବଡ କରିବା ପାଇଁ ସରକାର ଅଣ୍ଟା ଭିଡିଛନ୍ତି । ଖୋଜି ଖୋଜି ବାଲି ମାଫିଆଙ୍କୁ ଚଢାଉ କରାଯାଇ ଫାଇନ କଟାଯାଉଛି । ଏ ଅପମାନକୁ ସହି ପାରୁ ନାହାଁନ୍ତି ବାଲି ମାଫିଆ, ରକ୍ତମୁଖା ହେଉଛନ୍ତି । ଆଉ ନିଜର ଗ୍ୟାଙ୍ଗ ଡାକି ମାଇନିଂ ଅଧବକାରୀଙ୍କ ଉପ୍ରରେ ଜୁଲମ କରୁଛନ୍ତି । ବେଆଇନ ଭାବେ କରୁଥିଲେ ବାଲି ଚୋରା ଚାଲାଣ, ମାଡି ବସିଲା ମାଇନିଂ ବିଭାଗ । ଆଉ କରିଲା ମୋଟା ଅଙ୍କର ଫାଇନ । ଫାଇନ ହେବା ପରେ ତାତିଲେ ମାଫିଆ, ବିଭାଗର ଗାଡି ଏବଂ ଅଧିକାରୀଙ୍କୁ ରଖିଲେ ଅଟକ । ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ଥାନା ବଡବିଶୋଳ ଛକରେ । ଆଜି ସକାଳୁ ମାଇନିଂ ବିଭାଗର ମୟୁରଭଞ୍ଜ ଡେପୁଟି ଡାଇରେକ୍ଟ ଏବଂ



ମାଇନିଂ ଅଧିକାରୀ ମିଳିତ ଭାବେ କପ୍ତିପଦା ଥାନା ଅଞ୍ଚଳରେ ଚ?।ଉ କରିଥିବା ବେଳେ ୩ ଗୋଟି ବେଆଇନ ଚୋରା ବାଲି ଚାଲାଣ ହେଉଥିବା ଟ୍ରାକ୍ଟର ଧରିବା ସହିତ ସେମାନଙ୍କୁ ଫାଇନ କରିଥିଲେ । ଫାଇନ କରିବା ପରେ ମାଇନିଂ ଅଧିକାରୀ ଅନ୍ୟ ଅଞ୍ଚଳକୁ ଯାଉଥିବା ବେଳେ ବଡବିଶୋଳ ଛକ ନିକଟରେ ଗାଡି ସହିତ ଅଧିକାରୀଙ୍କୁ ଅଟକ ରଖିଥିଲେ ଫାଇନ ଦେଇଥିବା ଟ୍ରାକ୍ଟର ମାଲିକ ବା ମାଫିଆମାନେ ।

## ବଲ୍ଲେ ବଲ୍ଲେ ଢାବାର ଲିଜ୍ ନେଇଛନ୍ତି ବିଜେଡି ନେତ୍ରୀ ଏଲିନା ଦାସଙ୍କ ସ୍ୱାମୀ !

ଭୁବନେଶ୍ୱର,୨୬।୨ବଲ୍ଲେ ବଲ୍ଲେ ଢାବାର ଲିଜ୍ ନେଇଛନ୍ତି ବିଜେଡି ନେତ୍ରୀ ଏଲିନା ଦାସଙ୍କ ସ୍ୱାମୀ ସନ୍ଦୀପନ ମହାନ୍ତି ! ଢାବାରେ ଲଟକା ଲାଗିବା ପରେ ଆଜି ସ୍ଥାନୀୟ ଅଞ୍ଚଳର ଲୋକମାନେ ଏନେଇ ମୁହଁ ଖୋଲିଛନ୍ତି । ବେଆଇନ୍ ? ଭାବେ ପୂର୍ବତନ ବିଜେଡି ବିଧାୟକ ଢାବା ଚଲାଇବା ପାଇଁ ଏଲିନା ଦାସଙ୍କ ସ୍ୱାମୀଙ୍କୁ ଦେଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି ।ଯାଜପୁର ଜିଲ୍ଲା ନେଉଳପୁରରେ ରହିଛି ଧର୍ମଶାଳା ଭବନ । ସରକାରୀ, ବିଧାୟକ ଓ ସାଂସଦ ପାଣ୍ଠିରେ ଏହି ଭବନ ତିଆରି କରାଯାଇଥିଲା । ରାଜସ୍ୱ ବଢ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ଭବନ ନିର୍ମାଣ କରାଯାଇଥିଲା । ହେଲେ ଏହାର ରକ୍ଷାବେକ୍ଷଣା ଦାୟିତ୍ୱ କାହା ପାଖରେ ରହିଥିଲା, ସେ ସମ୍ପର୍କରେ ବ୍ଲକ ପ୍ରଶାସନ ପାଖରେ କୌଣସି ଖବର ନଥିଲା । ଯେଉଁଥିପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ ନବ ନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ।

## ବଦଳିଛି ପରିସ୍ଥିତି: ନାହିଁ ଆଉ ନକ୍ସଲ ଭୟ, ମାଓ ପ୍ରଭାବିତ ଅଞ୍ଚଳରେ ପାଠ ପଢ଼ିବାକୁ ଗଲେ ପିଲା

ମାଲକାନଗିରି,୨୯।୬(ପି.ଏନ): ସୀମାନ୍ତ ଛତିଶଗଡରେ ଗତ ୨୦୦୫ ବେଳକୁ ନକ୍ସଲଙ୍କ ବିରୋଧରେ ସଲବା ଜୁଡୁମ ମୁଣ୍ଡ ଟେକିଥିଲା । ଶାନ୍ତିବାର୍ତ୍ତାକୁ ନେଇ ଆରମ୍ଭ ହୋଇଥିବା ଏହି ସଲବା ଜୁଡୁମ ସେତେବେଳେ ଫେଲ ମାରିଥିଲା । ଏପରିକି ଏହାଦ୍ୱାରା ଶହ ଶହ ଗାଁ ନକ୍ସଲ ଦ୍ୱାରା ପ୍ରଭାବିତ ହେବା ସହ ଶ୍ମଶାନ ପାଲଟିଥିଲା । ଏଥିଯୋଗୁଁ ଶତାଧିକ ସ୍କୁଲ ମଧ ବନ୍ଦ ହୋଇଯାଇଥିଲା । ସ୍କୁଲରେ ସୁରକ୍ଷାକର୍ମୀ ରହିବେ ସଂଦେହ କରି ନକ୍ସଲ ସ୍କୁଲଗୁଡିକକୁ ବୋମାରେ ଉଡାଇ ଦେଇଥିଲେ । ସେହିପରି କିଛି ସ୍କୁଲ ନକ୍ସଲ ଭୟରେ ସ୍ୱତଃ ହିଁ ବନ୍ଦ ହୋଇଯାଇଥିଲା ।ଏବେ ପରିସ୍ଥିତି ବଦଳିଛି । ୨୦ ବର୍ଷପରେ ଛତିଶଗଡର ବସ୍ତର ଅଂଚଳରେ ସ୍କୁଲର ଘଣ୍ଟି ବାଜିଛି । ନକ୍ସଲ ପ୍ରବଣ ଅଂଚଳଗୁଡିକରେ ସିଆରପିଏଫ କ୍ୟାମ୍ପ, ଡିଆରଜି, ଏସଟିଏଫ ଏବଂ ବିଏସଏଫ କ୍ୟାମ୍ପ ହେବା ପରେ ନକ୍ସଲ ପଛଘୁଞ୍ଚା ଦେଇଛନ୍ତି । ଗାଁକୁ ରାସ୍ତା ପହଞ୍ଚିଲାଣି । ସୁରକ୍ଷାକର୍ମୀ ନକ୍ସଲ ଦମନରେ ଦିନରାତି ଏକ କରି ଜଂଗଲରେ କୁମ୍ବିଂ ଅପରେସନ ଜାରି ରଖିଛନ୍ତି । ବସ୍ତର ଅଂଚଳର ନକ୍ସଲ ପ୍ରବଣ କାବଡ ଗାଁରେ ସ୍ଥିତି ବଦଳିଛି । ଗାଁରେ ସୁରକ୍ଷାକର୍ମୀଙ୍କ ସହଯୋଗରେ ଏଠାରେ ସ୍କୁଲ ଖୋଲାଯାଇଛି । ସ୍କୁଲ ଖୋଲାଯିବା ପରେ ପିଲାଙ୍କୁ ପୋଷାକ, ବହିପତ୍ର ଯୋଗାଇ ଦେବା ସହ ସ୍କୁଲ ଆସିବା ପରେ ସେମାନଙ୍କ ଗୋଡ ଧୁଆ ହୋଇଥିଲା । ବାଉଁଶରେ ତିଆରି କଚ୍ଚା ଘରରେ ଏହି ସ୍କୁଲ ଆରମ୍ଭ ହୋଇଛି । ଆଗାମୀ ଦିନରେ ଏଠାରେ ପକ୍କା ଘର ହେବ ବୋଲି ଶିକ୍ଷା ବିଭାଗର ଅଧିକାରୀମାନେ ଏହି ସ୍କୁଲ ଉଦଘାଟନ ବେଳେ ଉପସ୍ଥିତ ରହି ପ୍ରତିଶ୍ରୁତି ଦେଇଛନ୍ତି ।ପ୍ରକାଶ ଥାଉକି ନକ୍ସଲ ଯୋଗୁଁ ବସ୍ତର ପ୍ରାୟ ୩୦୦ ସ୍କୁଲ ବନ୍ଦ ହୋଇଯାଇଛି । ଧୀରେଧୀରେ ସୁରକ୍ଷାକର୍ମୀ ନକ୍ସଲ ପ୍ରବଣ ଅଂଚଳରେ ପହଞ୍ଚିବା ପରେ ସ୍କୁଲଗୁଡିକ ଖୋଲିବ ବୋଲି ଜଣାପଡିଛି । କାବଡ ଗାଁରେ ଗତ ୨୦ ବର୍ଷ ପରେ ପିଲା ସ୍କୁଲ ମୁହାଁ ହୋଇଥିବାରୁ ଅଭିଭାବକମାନଙ୍କ ଖୁସି କହିଲେ ନସରେ । ନକ୍ସଲ ପ୍ରବଣ ଅଂଚଳରେ ପିଲାଙ୍କ ମୌଳିକ ଅଧିକାର ଛିନ୍ନ ହୋଇଛି । ଶତାଧିକ ଗ୍ରାମରୁ ଲୋକେ ଅନ୍ୟତ୍ର ଚାଲିଯାଇଥିବା ବେଳେ ଏବେ ଧୀରେଧୀରେ ଗାଁକୁ ଫେରୁଥିବା କୁହାଯାଇଛି । ସ୍ଥାନୀୟ ଗଣ୍ଡି ଭାଷାରେ ଶିକ୍ଷକ ପିଲାଙ୍କୁ ପାଠ ପଢାଉଥିବା ଦେଖିବାକୁ ମିଳିଛି । ଆଗାମୀ ଦିନରେ ମଧ ବନ୍ଦ ପଡିଥିବା ଶତାଧିକ ସ୍କୁଲ ଖୋଲିବ ବୋଲି କୁହାଯାଇଛି ।

## ମୋହନ ସରକାରଙ୍କ ବଡ ନିଷ୍ପତ୍ତି: ସବୁ ସ୍କିମ୍‌ର ମୂଲ୍ୟାୟନ କରିବ ଥାର୍ଡ ପାର୍ଟି ଏଜେନ୍ସୀ

ଭୁବନେଶ୍ୱର,୨୯।୬(ପି.ଏନ): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସବୁ ଯୋଜନାର ସମୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି ମୋହନ ମାଝୀଙ୍କ ସରକାର । ଥାର୍ଡ ପାର୍ଟି ଏଜେନ୍ସୀ(ତୃତୀୟ ପକ୍ଷ ସଂସ୍ଥା) ମାଧ୍ୟମରେ ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା ବିଭିନ୍ନ ରାଜ୍ୟ ଯୋଜନାଗୁଡିକର ମୂଲ୍ୟାୟନ ହେବ । ରାଜ୍ୟ ପାଣ୍ଠିରେ ପରିଚାଳିତ ଯୋଜନାଗୁଡିକର ଉତ୍ତରଦାୟିତ୍ୱ ସୁନିଶ୍ଚିତ କିଭଳି ହେବ, ଯୋଜନା ଲକ୍ଷ୍ୟସ୍ଥଳରେ ପହଂଚିଛି କି ନାହିଁ ଓ ଯୋଜନାରେ ସମ୍ଭାବ୍ୟ ସୁଧାର ଆଦି ସମ୍ପର୍କରେ ଏହି ନିରପେକ୍ଷ ସଂସ୍ଥା ନିଜର ମୂଲ୍ୟାୟନ ରିପୋର୍ଟ ଦେବ । ଏଥିପାଇଁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏଜେନ୍ସୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆବଶ୍ୟକ ସର୍ତ୍ତାବଳୀ ପୂରଣ କରୁଥିବା ପ୍ରଫେସନାଲ ଏଜେନ୍ସୀକୁ ରାଜ୍ୟ ସରକାର ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଚୟନ କରି ଅଗଷ୍ଟ ୩୦ତାରିଖରେ ତା’ର ନାଁ ଘୋଷଣା କରିବେ ବୋଲି ଜଣାପଡିଛି ।ସୂଚନା ଅନୁସାରେ, ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପ୍ରଥମ ବିଜେପି ସରକାର କ୍ଷମତାକୁ ଆସିବାର ୨୦ଦିନ ନପୁରୁଣୁ କାର୍ଯ୍ୟକାରୀ ହେଉଥିବା ସବୁ ଯୋଜନାର ଥାର୍ଡପାର୍ଟି ମୂଲ୍ୟାୟନ ପାଇଁ ନିଷ୍ପତ୍ତି ନେଇଛନ୍ତି ।




ରାଜ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ବ୍ୟାପକ ପରିମାଣର ପାଣ୍ଠି ଖର୍ଚ୍ଚ ହେଉଥିବାରୁ ତା’ର ପ୍ରଭାବ ଓ ଫଳାଫଳ କ’ଣ ରହିଛି ତାହା ଜାଣିବା ପାଇଁ ଏହି ମୂଲ୍ୟାୟନ ହେବ ।ବିଶେଷକରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ନୀତି ଓ ପଦକ୍ଷେପର ସମୀକ୍ଷା, କାର୍ଯ୍ୟକ୍ରମ ଓ ଯୋଜନାଗୁଡିକ ତା’ର ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିଛି କି ନାହିଁ, ସେଥିରେ ସୁଧାରର ସମ୍ଭାବ୍ୟ ଆବଶ୍ୟକତା ଓ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ, ତଥ୍ୟଆଧାରିତ ନିଷ୍ପତ୍ତି ନେବା, କାର୍ଯ୍ୟକ୍ରମ ପ୍ରସ୍ତୁତିରେ ସୁଧାର ଓ କାର୍ଯ୍ୟାନ୍ୱୟନରେ ଉନ୍ନତି, ନିର୍ଦ୍ଧାରିତ ଜନସଂଖ୍ୟାକୁ ପ୍ରଭାବୀ ସେବା ପ୍ରଦାନ, ଲୋକଙ୍କ ଭଲ ପାଇଁ ନୀତିଗତ ନିଷ୍ପତ୍ତି ନେବା ଆଦି ପ୍ରସଙ୍ଗରେ ଏହି ଥାର୍ଡ ପାର୍ଟି ଏଜେନ୍ସୀ କାର୍ଯ୍ୟ କରିବ ବୋଲି ଜଣାପଡିଛି ।ରାଜ୍ୟ ସରକାର କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ ଓ ପରିଚ୍ଛନ୍ନତା, ସାମାଜିକ କଲ୍ୟାଣ ଓ ପୁଷ୍ଟିକର, ବିପର୍ଯ୍ୟୟ ପରିଚାଳନା, ନିଯୁକ୍ତି ସୃଷ୍ଟି ଆଦି କ୍ଷେତ୍ରକୁ ପ୍ରାଥମିକତା ଦେଇ ସ୍ଥାୟୀ ଅର୍ଥନୀତିକ ଓ ସାମାଜିକ ବିକାଶ ସହ ସାମଗ୍ରିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ଏସବୁ କ୍ଷେତ୍ରରେ ବଜେଟ୍ ବ୍ୟୟବରାଦ ମଧ ବୃଦ୍ଧି ପାଇଛି ।ତେଣୁ ରାଜ୍ୟ ସରକାର ଏହି ଥାର୍ଡ ପାର୍ଟି ଏଜେନ୍ସୀ ଦ୍ୱାରା ମୂଲ୍ୟାୟନ ମାଧ୍ୟମରେ ଉଭୟ କେନ୍ଦ୍ର ଓ ରାଜ୍ୟ ପାଣ୍ଠିରେ ପରିଚାଳିତ ଯୋଜନାଗୁଡିକର ତ୍ୱରିତ୍ ପ୍ରଭାବ ଆକଳନ କରିବା ସହ କେଉଁ ଯୋଜନାରେ କ’ଣ ତ୍ରୁଟି ରହିଛି, କାହିଁକି ଲକ୍ଷ୍ୟ ହାସଲ ହୋଇପାରୁନି ଓ କ’ଣ ସୁଧାରର ଆବଶ୍ୟକତା ରହିଛି ସେ ନେଇ ରାଜ୍ୟ ସରକାରଙ୍କୁ ସୁପାରିଶ କରିବ ବୋଲି ଜଣାପଡିଛି ।

## ବିଡିଓଙ୍କ ପରିଚୟ ଦେଇ ୨ ଅଧ୍ୟାପକଙ୍କ ଆକାଉଣ୍ଟରୁ ସାଇବର ଠକ ନେଇଗଲା ୪୦ ହଜାର

ବାଲିପାଟଣା,୨୯।୬(ପି.ଏନ): ମୁଁ ବାଲିପାଟଣା ବ୍ଲକରୁ ବିଡିଓ କହୁଛି । ଆପଣଙ୍କ କଲେଜକୁ ମାକ୍ସ ବାବଦରେ ସରକାରଙ୍କ ତରଫରୁ ୪୦ ହଜାର ଟଙ୍କା ଅନୁଦାନ ଆସିଛି । କଲେଜ ଆକାଉଣ୍ଟରେ କୌଣସି ତ୍ରୁଟି ପାଇଁ ବ୍ଲକ ଆକାଉଣ୍ଟରୁ ଟଙ୍କା ଯାଇପାରୁ ନାହିଁ । କଲେଜର ୨/୩ ଜଣ କର୍ମଚାରୀଙ୍କ ଆକାଉଣ୍ଟ ଡିଟେଲସ କିମ୍ବା ଯନୋ ପେ’ ନମ୍ବର ଦିଅନ୍ତୁ ଟଙ୍କା ଛଡାଯିବ । ସାଇବର ଠକଙ୍କ ଚକ୍ରବ୍ୟୁହରେ ଫସି ୪୦ ହଜାର ଟଙ୍କା ହରାଇଛନ୍ତି ଓଡ଼ଖଣ୍ଡ କଲେଜର ୨ ଅଧ୍ୟାପକ । ହେଲେ ଶିଶୁ ଅନନ୍ତ ମହାବିଦ୍ୟାଳୟ ଏବଂ ବନମାଳୀପୁର କଲେଜ କର୍ତ୍ତୃପକ୍ଷ ଠକାମୀରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି । ଆକାଉଣ୍ଟକୁ ଟଙ୍କା ଆସିବା ବଦଳରେ ଟଙ୍କା କଟିବା ପରେ ଜ୍ଞାନ ଉଦୟ ହୋଇଥିଲା ।ଖୋଳତାଡ଼ ପରେ ସନ୍ଦୀପ ଚୌଧୁରୀ ନାମରେ କୌଣସି କର୍ମଚାରୀ ବ୍ଲକରେ କାର୍ଯ୍ୟ କରୁ ନ ଥିବା ସ୍ପଷ୍ଟ ହେବା ପରେ ସାଇବର ଠକାମିର ଶିକାର ହୋଇଥିବା ଜଣା ପଡିଥିଲା । ସୂଚନା ଅନୁସାରେ ବାଲିପାଟଣା ବ୍ଲକ କୁରୁଞ୍ଜିପୁର ପଞ୍ଚାୟତ ଓଡ଼ଖଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ଅଧ୍ୟାପକ ଆଜି ସାଇବର ଠକଙ୍କ ଦ୍ୱାରା ଲୁଟର ଶିକାର ହୋଇଛନ୍ତି । ସାଇବର ଠକ ନିଜକୁ ବିଡିଓ ବୋଲି ପରିଚୟ ଦେଇ କଲେଜ ଅଧ୍ୟକ୍ଷା ସାଗରିକା ମହାନ୍ତିଙ୍କ ଫୋନ୍ ?କୁ ୮୦୯୩୫୫୨୮୯୪ରୁ ଦିନ ୧୨ଟା ୪୫ରେ କଲ ଆସିଥିଲା । ବାଲିପାଟଣା ବ୍ଲକରୁ ବିଡ଼ିଓ କହୁଛି ବୋଲି ବ୍ୟକ୍ତି ଜଣଙ୍କ କହିଥିଲେ । କଲେଜକୁ ସରକାରଙ୍କ ତରଫରୁ ମାକ୍ସ ପାଇଁ ୪୦ ହଜାର ଟଙ୍କା ଆସିଛି । କଲେଜ ଆକାଉଣ୍ଟରେ କୌଣସି ତ୍ରୁଟି ଥିବା ହେତୁ ଟଙ୍କା ଟ୍ରାନ୍ସଫର ହୋଇ ପାରୁନାହିଁ । ଆପଣଙ୍କ କଲେଜର ୨ ରୁ ୩ ଜଣ କର୍ମଚାରୀଙ୍କ ଯୋନୋ ପେ’ ନମ୍ବର ଦେଲେ ଟଙ୍କା ଛଡାଯିବ ବୋଲି ବ୍ୟକ୍ତି ଜଣଙ୍କ କହିଥିଲା । ବ୍ଲକରୁ ଫୋନ ଆସିଥିବା କଥାକୁ ଅଧକ୍ଷା ସହଜରେ ବିଶ୍ୱାସ କରିଥିଲେ । କଲେଜ ଅର୍ଥନୀତି ବିଭାଗ ଅଧ୍ୟାପକ ଅତନୁ କୁମାର ପଣ୍ଡା, ଓଡ଼ିଆ ଅଧ୍ୟାପକ ନାଥ ବିଶ୍ୱାଳ ଏବଂ ପଦାର୍ଥ ବିଜ୍ଞାନ ଡେମୋନେଷ୍ଟେଟର ନୃସିଂହ ଚରଣ ସ୍ୱାଇଁ ତାଙ୍କ ଯନୋ ପେ’ ନମ୍ବର ଦେଇଥିଲେ । ପରବର୍ତ୍ତୀ ସମୟରେ କଲେଜ ଛାତ୍ରଛାତ୍ରୀ ସଂଖ୍ୟା ବୁଝିବା ପରେ ଠକ ଜଣଙ୍କ କଥା ବଦଳାଇ ୬୦ ହଜାର ଟଙ୍କା ଆସିଥିବା ଅଧ୍ୟାପକଙ୍କୁ କହିଥିଲା ଏବଂ ଓଟିପି ନମ୍ବର ଦେବାର କିଛି ସମୟ ମଧ୍ୟରେ ଅର୍ଥନୀତି ଓ ଓଡ଼ିଆର ୨ ଅଧ୍ୟାପକଙ୍କ ଆକାଉଣ୍ଟ ରୁ ୪୦ ହଜାର ଟଙ୍କା କଟି ଯାଇଥିବା ଫୋନକୁ ମେସେଜ ଆସିଥିଲା । ଅନ୍ୟ ଜଣେ କର୍ମଚାରୀଙ୍କ ଆକାଉଣ୍ଟରେ ତ୍ରୁଟି ଥିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଆକାଉଣ୍ଟକୁ ଟଙ୍କା ଆସିବା ପରିବର୍ତ୍ତେ ? ଆକାଉଣ୍ଟରୁ ଟଙ୍କା କଟିବା ଦେଖି ସମସ୍ତ କର୍ମଚାରୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଘଟଣା ର ଖୋଳ ତାଡ଼ ପରେ ସନ୍ଦୀପ ଚୌଧୁରୀ ନାମରେ କେହି ବ୍ଲକରେ କୌଣସି କର୍ମଚାରୀ ନ ଥିବା ଜଣାପଡିଥିଲା ।

## ଜୁଲାଇ ୧ ରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି, ସକାଳ ୯ ଟାରୁ ଦିନ ୧୨ ଟା ପର୍ଯ୍ୟନ୍ତ ପଞ୍ଜୀକରଣ, ଜନତା କହିବେ ସମସ୍ୟା

ଭୁବନେଶ୍ୱର,୨୯।୬(ପି.ଏନ): ଆସନ୍ତା ସୋମବାର ଦିନଠୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବେ । ତାହାସହ ସେମାନଙ୍କ ସମସ୍ୟାର ସାମାଧାନ କରାଯିବ । କେଉଁଠି ମୁଖ୍ୟମନ୍ତ୍ରୀ ବସିବେ ତାହା ଏଯାଏଁ ସ୍ଥିର ହୋଇ ନ ଥିଲେ ବି ଏହା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇପାରେ ବୋଲି ଜଣା ପଡିଛି । ସେଥିପାଇଁ ସାଧାରଣ ପ୍ରଶାସନ ବିଭାଗ ସ୍ଥିତିର ଅନୁଧ୍ୟାନ କରିଛି । ଜିଏ ବିଭାଗର ସଚିବ ସୁରେନ୍ଦ୍ର କୁମାର ନିଜେ ଉପସ୍ଥିତ ରହି ଏସବୁ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବସିବାସ୍ଥାନ ଓ ଲୋକମାନେ କେଉଁଠି ବସିବେ, ସବୁର ତଦାରଖ କରିଛି ସାଧାରଣ ପ୍ରଶାସନ ବିଭାଗ ।ଅଭିଯୋଗ ଶୁଣାଣି ସମୟରେ ମୋଟ ୩୦ ଜଣ ଲୋକ ପ୍ରତିଦିନ ବସିପାରିବେ । ସେଥିପାଇଁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ । ୨ ଟି ଗେଟ ମଧ ଦେଇ ଲୋକେ ଯିବା ଆସିବା କରିବେ । ଅଭିଯୋଗ ପାଇଁ ସକାଳ ୯ ଟାରୁ ପଞ୍ଜୀକରଣ ଆରମ୍ଭ ହୋଇ ଦିନ ୧୨ ଟାରେ ସରିବ । ଆଗ୍ରହୀ ବ୍ୟକ୍ତିମାନେ ପଞ୍ଜୀକରଣ କରି ତାଙ୍କର ସମସ୍ୟାକୁ ମୁଖ୍ୟମନ୍ତ୍ରୀଙ୍କଠାରେ ଉପସ୍ଥାପନା କରି ପାରିବେ । ଏଥିପାଇଁ ଆସନ୍ତା ଦୁଇ ଦିନ ମଧ୍ୟରେ ସମସ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ମଧ ଜାରି କରିଛନ୍ତି ରାଜ୍ୟ ସରକାର ।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଲୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଊଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି। ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ



ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ଅନ୍ତର୍ଜାତୀୟ ନିୟୁକ୍ଲିଅର ପରୀକ୍ଷଣ ନିରୋଧ ଦିବସ

୨୦୦୯ ମସିହା ଡିସେମ୍ବର ୨ ତାରିଖ ଦିନ ଜାତିସଂଘର ୬୪ତମ ସାଧାରଣ ପରିଷଦ ବୈଠକରେ ସଂକଳ୍ପ ସଂଖ୍ୟା ୬୪/୩୫ରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୯ ତାରିଖ ଦିନକୁ ଅନ୍ତର୍ଜାତୀୟ ନିୟୁକ୍ଲିଅର ପରୀକ୍ଷଣ ନିରୋଧ ଦିବସ ରୂପେ ପାଳିତ ହେବାର ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ପୃଥିବୀରେ ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ର ପରୀକ୍ଷଣ ବିସ୍ଫୋରଣ, ମନୁଷ୍ୟ ସମାଜ ତଥା ପରିବେଶ ଉପରେ ପକାଉଥିବା ଭୟଙ୍କର କୁପ୍ରଭାବକୁ ପ୍ରତିହିତ କରିବା ଉଦ୍ଦେଶ୍ୟରେ, ଅନେକ ସମର୍ଥକଙ୍କ ସହିତ କାଜାଗସ୍ଥାନ, ୧୯୯୧ ମସିହା ଅଗଷ୍ଟ ୨୯ ତାରିଖରେ ହୋଇଥିବା ସର୍ବଶେଷ ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ର ପରୀକ୍ଷଣର ସ୍ମାରକୀ ରୂପେ ଏହି ଦିବସଟିକୁ ଅନ୍ତର୍ଜାତୀୟ ନିୟୁକ୍ଲିଅର ପରୀକ୍ଷଣ ନିରୋଧ ଦିବସରୁପେ ପାଳନ କରିବାକୁ ପ୍ରସ୍ତାବ ରଖିଥିଲା। ଶାନ୍ତି ଓ ନିରାପତା




ନିମନ୍ତେ ଏକ ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ରବିହୀନ ବିଶ୍ୱର ପରିକଳ୍ପନାରେ, ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ର ଅଧିକାରୀ ଏବଂ ଅନ୍ୟାନ୍ୟ ରାଷ୍ଟ୍ରମାନେ ଏହି ଚୁକ୍ତିରେ ସମ୍ମତି ପ୍ରଦାନ କରିଥିଲେ। ଇୟୁନାଇଟେଡ ଷ୍ଟେଟର ନିଉ ମେକ୍ସିକୋ ଠାରେ ୧୯୪୫ ମସିହା ଜୁଲାଇ ୧୬ ତାରିଖରେ ହୋଇଥିବା ପ୍ରଥମ ଟ୍ରିନିଟ୍ ପରୀକ୍ଷଣଠାରୁ ଆରମ୍ଭ କରି ଅଦ୍ୟାବଧି ୨୦୦୦ରୁ ଅଧିକ ନିୟୁକ୍ଲିଅର ପରୀକ୍ଷଣ ସଙ୍ଗଠିତ ହୋଇଯାଇଛି। ଇୟୁନାଇଟେଡ ଷ୍ଟେଟର ପରୀକ୍ଷଣ ପରେ ୧୯୪୯ରେ ସୋଭିଏତ ୟୁନିୟନ, ୧୯୫୨ରେ ୟୁନାଇଟେଡ କିଙ୍ଗଡମ୍, ୧୯୬୦ରେ ଫ୍ରାନ୍ସ ଏବଂ ୧୯୬୪ରେ ଚାଇନାର ପରୀକ୍ଷଣ ହୋଇଅଛି। ଏହା ପୃଥିବୀପୃଷ୍ଠ, ଭୂତଳ, ଜଳର ନିମ୍ନ ଭାଗରେ ଏବଂ ରକେଟ ଦ୍ୱାରା କ୍ଷେପଣ ଇତ୍ୟାଦି ବହୁତ ପ୍ରକ୍ରିୟାରେ ପରୀକ୍ଷଣ କରାଯାଏ। ନ୍ୟାସନାଲ ରିସୋରସେସ ଡିଫେନ୍ସ କାଉନସିଲ ଦ୍ୱାରା ଏକ ଆକଳନରୁ ଜଣାଯାଏ ଯେ, ୧୯୪୫ରୁ ୧୯୮୦ ମଧ୍ୟରେ ନିୟୁକ୍ଲିଅର ପରୀକ୍ଷଣର ପରିମାଣ ୫୧୦ ମେଗାଟନ ଏବଂ କେବଳ ପୃଥିବୀପୃଷ୍ଠରେ ପରୀକ୍ଷଣର ପରିମାଣ ୪୨୮ ମେଗାଟନ, ଯାହାକି ହିରୋସୀମାରେ ବ୍ୟବହୃତ ବୋମାର ୨୯୦୦୦ ଗୁଣ ସମାନ। ୧୯୫୦ ପୂର୍ବରୁ ନିୟୁକ୍ଲିଅର ପରୀକ୍ଷଣରୁ ନିର୍ଗତ ତେଜସ୍କ୍ରିୟ ବିକିରଣର ସ୍ୱାସ୍ଥ୍ୟ ଉପରେ ପକାଉଥିବା କୁପ୍ରଭାବ ଉପରେ, ଏତେଟା ଗୁରୁତ୍ୱ ଆରୋପ କରାଯାଇ ନ ଥିଲା। କିନ୍ତୁ ପରେପରେ ଏହାର କୁପ୍ରଭାବ ସମ୍ବନ୍ଧରେ ଅଧିକ ତଥ୍ୟ ଉନ୍ମୋଚିତ ହେଲା ଏବଂ ଜନସାଧାରଣଙ୍କ ପ୍ରବଳ ବିରୋଧ ଯୋଗୁ ୧୯୬୩ରେ ପାର୍ସିଆଲ ଟେଷ୍ଟ ବ୍ୟାନ ଟ୍ରିଏଟି (ପିଟିବିଟି) ଜଳ ଅଭ୍ୟନ୍ତର ଏବଂ ଭୁପୃଷ୍ଠରେ ଏହାର ପରୀକ୍ଷଣ ଉପରେ ରୋକ୍ ଲଗାଇଲା, ଯେଉଁଥିରେ ଇୟୁନାଇଟେଡ ଷ୍ଟେଟ, ସୋଭିଏତ ୟୁନିୟନ, ୟୁନାଇଟେଡ କିଙ୍ଗଡମ ଏଥିରେ ସହମତି ପ୍ରକାଶ କରିଥିଲେ। କିନ୍ତୁ ଫ୍ରାନ୍ସ ଏବଂ ଚାଇନା ଏହି ଚୁକ୍ତିରେ ସାମିଲ ନହୋଇ ଯଥାକ୍ରମେ ୧୯୭୪ ଏବଂ ୧୯୮୦ ପର୍ଯ୍ୟନ୍ତ ପରୀକ୍ଷଣ ଜାରୀ ରଖିଥିଲେ। ୨୦୦୦ ମସିହାରେ ଜାତିସଂଘ ବିଜ୍ଞାନ ସମିତି, ଜାତିସଂଘ ସାଧାରଣ ପରିଷଦକୁ, ଆଣବିକ ତେଜସ୍କ୍ରିୟ ବିକିରଣର କୁପ୍ରଭାବ ସମ୍ବନ୍ଧରେ ପ୍ରଦତ ତଥ୍ୟ ଅନୁଯାୟୀ, ଏହା ଚକ୍ଷୁ ଓ ଚର୍ମ ସହିତ ଶରୀର ଅଭ୍ୟନ୍ତର ଇନ୍ଦ୍ରିୟମାନଙ୍କର ମଧ୍ୟ ପ୍ରଭୂତ କ୍ଷତିସାଧନ କରିଥାଏ। ଏହା ଶରୀରସ୍ଥ ଜୀବନ୍ତ ଜୀବକୋଷଗୁଡ଼ିକୁ ନଷ୍ଟ କରିଦେଇଥାଏ, ଯାହାଫଳରେ କ୍ୟାନସର ପରି ଦୁରାରୋଗ୍ୟ ସୃଷ୍ଟି ହେବାର ପ୍ରଧାନ କାରଣ। ମାତୃବକ୍ଷର କ୍ଷୀର ଏବଂ ଶିଶୁମାନଙ୍କର ଦନ୍ତ ଉପରେ ମଧ୍ୟ ଏହାର କୁପ୍ରଭାବ ପରିଲକ୍ଷିତ। ବିକିରଣ ଦ୍ୱାରା ପ୍ରଭାବିତ ହୋଇଥିବା ବୃକ୍ଷଲତାକୁ, ଆହାର ରୂପେ ଗ୍ରହଣ କରୁଥିବା ପଶୁମାନଙ୍କର କ୍ଷୀର ଏବଂ ମାଂସ ମଧ୍ୟ ମନୁଷ୍ୟ ଶରୀରର କ୍ଷତିସାଧନ କରିଥାଏ। ଶ୍ୱେତ କଣିକା ବୃଦ୍ଧି, ଗଳଗ୍ରନ୍ଥି, ଫୁସଫୁସ ଏବଂ ସ୍ତନ କର୍କଟ ଏହାର ମୁଖ୍ୟ କାରଣ। ୧୯୯୧ ମସିହାରେ ଇଂଟରନ୍ୟାସନାଲ ଫିଜିକସିଆନ ଫର ଦ ପ୍ରିଭେନସନ ଅଫ ନିଉକ୍ଲିଅର ଓାର୍ ଦ୍ୱାରା ଏକ ସର୍ବେକ୍ଷଣର ତଥ୍ୟ ଅନୁସାରେ ୨୦୦୦ ମସିହା ସୁଦ୍ଧା ୪୩୦,୦୦୦ ଜଣ ବ୍ୟକ୍ତି ବିକିରଣ ପ୍ରଭାବରେ କ୍ୟାନସରଜନିତ ମୃତ୍ୟୁମୁଖରେ ପଡିଛନ୍ତି। ବିକିରଣର କୁପ୍ରଭାବରେ କେବଳ ମନୁଷ୍ୟ ନୁହେଁ, ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ବାଧାପ୍ରାପ୍ତ ହୁଏ ଏବଂ କେତେକ ପ୍ରଜାତିର ବୃକ୍ଷ ମଧ୍ୟ ସିଧାସଳଖ ଭାବେ ପ୍ରଭାବିତ ହୁଅନ୍ତି। ନିଉକ୍ଲିଅର ଯୁଗ ଆରମ୍ଭରୁ, ଏହାର କ୍ଷତିକାରକ ପ୍ରଭାବ ବିଷୟରେ ଅବଗତ ହେବାପରେ ଜନସାଧାରଣଙ୍କ ପ୍ରବଳ ପ୍ରତିରୋଧରୁ ୧୯୯୬ରେ ଗଠିତ ହେଲା କମ୍ପ୍ରେହେନସିଭ ନିଉକ୍ଲିଅର ଟେଷ୍ଟ ବ୍ୟାନ ଟ୍ରିଏଟି। ପଦାର୍ଥ ବିଜ୍ଞାନୀ, ଭୂମିକମ୍ପ ବିଜ୍ଞାନୀ ଓ ଅନ୍ୟାନ୍ୟ ବୈଜ୍ଞାନିକ, ଡାକ୍ତର, ଓକିଲ, ବିଭିନ୍ନ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଗବେଷଣାତ୍ମକ ଅନୁଷ୍ଠାନ, ଯୁଦ୍ଧବିରତି ଓ ବିଶ୍ୱଶାନ୍ତି ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ହିରୋସୀମା ନାଗାସାକୀ ବିସ୍ଫୋରଣରୁ ବଂଚି ଯାଇଥିବା ବ୍ୟକ୍ତିମାନଙ୍କର, ବିକିରଣ ଦ୍ୱାରା ସୃଷ୍ଟ ଭୟାନକ ବିସ୍ଫୋରକ ତଥ୍ୟ, ହତଚକିତ କରିଦେଲା ମାନବ ସମାଜକୁ। ନିଉକ୍ଲିଅର ଟେଷ୍ଟ ଜାରୀ ରହିଲେ ଏ ପୃଥିବୀପୃଷ୍ଠରୁ ମାନବ ସମାଜ ଲୋପ ପାଇଯିବା ସୁନିଶ୍ଚିତ।

ଏହି ପରିପ୍ରେକ୍ଷୀରେ ଆଜିର କଦିବସରେ, ପୃଥିବୀର ସମସ୍ତ ଜନସାଧାରଣ ତଥା ସମସ୍ତ ବର୍ଗର ବ୍ୟକ୍ତି, ଏ ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷାକରି, ନିଜେ ଶାନ୍ତିରେ ଅବସ୍ଥାନ କରିବା ନିମନ୍ତେ, ନିଉକ୍ଲିଅର ଟେଷ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ, ଏକସ୍ୱରରେ ଦୃଢ ପ୍ରତିବାଦ କରିବାକୁ ଶପଥ ନେବାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ।

# ନୃତ୍ୟ ମୁଦ୍ରାରେ ଗଣେଶ

ଜଣେ ଶ୍ରେଷ୍ଠ ଶିବଭକ୍ତ ହିସାବରେ ଲଙ୍କପତି ରାବଣକୁ କିଏ ବା ନ ଜାଣେ। ସ୍ୱରଚିତ ଶିବତାଣ୍ଡବ ବୋଲି ବୋଲି ଶିବଲିଙ୍ଗ ନିକଟରେ ଭକ୍ତିରେ ବିଭୋର ହୋଇ ପୂଜା କଲାବେଳେ ସ୍ୱୟଂ ଶିବ ଅନେକ ଥର ତା' ସମ୍ମୁଖରେ ଆବିର୍ଭୁତ ହୋଇ ତାକୁ ଅନେକ ବର ପ୍ରଦାନ କରିଥାଆନ୍ତି।

ସେହିପରି ଦିନକର କଥା। ରାବଣର ଆରାଧନାରେ ସନ୍ତୁଷ୍ଟ ହୋଇ ଶିବ ଆବିର୍ଭୁତ ହୁଅନ୍ତେ ରାକ୍ଷସରାଜ ରାବଣ ତାଙ୍କୁ ଏକ ଅଦ୍ଭୁତ ବର ଯାଚନା କରିଥିଲେ। ରାବଣ କହିଲେ, "ହେ ଭୂତଶ୍ରେଷ୍ଠ, ଆପଣ ଯଦି ମୋତେ ବର ଦେବାକୁ ଇଚ୍ଛା କରିଛନ୍ତି, ତେବେ ଦୟାକରି ମାତା ପାର୍ବତୀଙ୍କ ସହିତ ମୋର ସୁବର୍ଣ୍ଣମୟୀ ଲଙ୍କାପୁରୀରେ ଅବସ୍ଥାନ କରନ୍ତୁ। ଫଳରେ ଆପଣଙ୍କ ଦର୍ଶନର ସୁଯୋଗ ପ୍ରତିଦିନ ମୋତେ ପ୍ରାପ୍ତି ହେବ। ଏହାଠାରୁ ବଳି ବଡ଼ ଆଶୀର୍ବାଦ ଆଉ କଣ ଥାଇପାରେ!" ଏଥିରେ ଶିବ କିନ୍ତୁ ଅରାଜି ହୋଇ ଅନ୍ୟକିଛି 'ବର' ମାଗିବାକୁ ରାବଣକୁ ପରାମର୍ଶ ଦେଲେ। ରାବଣ କିନ୍ତୁ ନିଜ ଜିଦ୍‌ରେ ଅଟଳ ରହି କହିଲା, "ପ୍ରଭୁ ମୁଁ ସୁରାସୁରଙ୍କ ଅଜେୟ। ତ୍ରିପୁର ବିଜୟ କରି ସମସ୍ତ ଧନସମ୍ପଦ ଠୁଳ କରିଛି। କାମିନୀ, କାଞ୍ଚନ, ଧନରତ୍ନ, ଗଜ, ଅଶ୍ୱ, ରଥ, ଶକ୍ତି, ଐଶ୍ୱର୍ଯ୍ୟ, ବିଭବ ସବୁ କିଛି ଆୟତ୍ତ କରିଛି। କେବଳ ଆପଣଙ୍କ ଅନୁପସ୍ଥିତ ହିଁ ମୋତେ ବ୍ୟଥିତ କରୁଛି। ନିତି ଆପଣଙ୍କ ଦର୍ଶନ କରି, ପଦବନ୍ଦନା କରିପାରିଲେ ଏ ମୂଢ଼ ପାମରର ଜୀବନ ଧନ୍ୟ ହେବ।" ରାବଣର ପ୍ରିୟ ବାକ୍ୟରେ ସନ୍ତୁଷ୍ଟ ହୋଇ ଆଶୁତୋଷ ନିଜ ହୃଦୟ ଭିତରୁ ଜ୍ୟୋତିଃଲିଙ୍ଗ କାଢ଼ି ରାବଣକୁ ପ୍ରଦାନ କଲେ ଏବଂ କହିଲେ, "ବସ୍ସ! ଏହା ଆତ୍ମଲିଙ୍ଗ। ଏହାକୁ ନେଇ ଦକ୍ଷିଣାଭିମୁଖୀ ହୁଅ ଓ ଲଙ୍କାରେ ସ୍ଥାପନା କର। ଏହାକୁ ଦର୍ଶନ କରି ମୋର ଅର୍ଦ୍ଧନାରୀଶ୍ୱର ରୂପ ଦର୍ଶନ କରିବାର ସୌଭାଗ୍ୟ ଲାଭକର। କିନ୍ତୁ ସାବଧାନ! ଯାତ୍ରା ସମୟରେ ଏହାକୁ ପଥ ମଧ୍ୟରେ କୌଣସି ସ୍ଥାନରେ ଥରେ ତଳେ ରଖିଦେଲେ ପୁନଶ୍ଚ ଉଠାଇ ମୁଣ୍ଡାଇବାକୁ ସମର୍ଥ ହେବନାହିଁ।" ରାବଣ ଆନନ୍ଦରେ ଗଦ୍‌ଗଦ୍



ହୋଇ ଶିବଙ୍କୁ ପ୍ରଣାମ କରି ଆତ୍ମଲିଙ୍ଗକୁ ମୁଣ୍ଡରେ ମୁଣ୍ଡାଇ ଲଙ୍କା ଅଭିମୁଖେ ଯାତ୍ରା କଲା। କିନ୍ତୁ ଏପଟେ ଦେବତାମାନଙ୍କର ଚିନ୍ତା ବଢ଼ିବାକୁ ଲାଗିଲା। ପରମେଶ୍ୱର ଶିବଙ୍କ ଉପସ୍ଥିତିରେ ଲଙ୍କା ଧ୍ୱଂସ ସାଧନ ସମ୍ଭବ ନୁହେଁ। ସେଥିପାଇଁ ଯେକୌଣସି ଉପାୟରେ ରାବଣର ଏହି ଯାତ୍ରାରେ ବିଘ୍ନ ଆଣିବାକୁ ହେବ। ତପସ୍ୱୀ ରାବଣ ବ୍ରହ୍ମତେଜା ଅଟନ୍ତି। ତାଙ୍କର କୌଣସି ଦୁର୍ବଳତା ନାହିଁ। କେବଳ ସେ ଜଣେ ଉତ୍ତମ ସଙ୍ଗୀତଜ୍ଞ ହୋଇଥିବାରୁ ଗୀତ, ବାଦ୍ୟ, ନୃତ୍ୟ, ସଙ୍ଗୀତ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଛି। ତାଙ୍କ ସମ୍ମୁଖରେ ଯଦି କେହି ନୃତ୍ୟ କରେ, ତେବେ ସେ ବିହ୍ୱଳ ହୋଇ ଶିବଙ୍କ ସତର୍କବାଣୀ ଭୁଲି ଯାଇ ଆତ୍ମଲିଙ୍ଗକୁ ତଳେ ଥୋଇଦେବେ। ନୃତ୍ୟ-ବିଶାରଦ ଶିବଙ୍କୁ ବାଦ୍‌ଦେଲେ କେବଳ ଶ୍ରୀଗଣେଶ ହିଁ ନଟଶ୍ରେଷ୍ଠ। ତେଣୁ ସମସ୍ତ ଦେବଗଣ ଜାନୁପାତି, କରଯୋଡ଼ି ଶ୍ରୀଗଣେଶଙ୍କୁ ଆରାଧନା କଲେ। ଶ୍ରୀଗଣେଶ ଆବିର୍ଭୁତ ହୁଅନ୍ତେ, ଦେବଗଣ ତାଙ୍କୁ ସବୁ କଥା ବୁଝାଇ କହିଲେ। ଶ୍ରୀଗଣେଶ ରାବଣକୁ ପଦଚ୍ୟୁତ କରିବାର ଦାୟିତ୍ୱ ବହନ କରି ଦକ୍ଷିଣ ସମୁଦ୍ର ତଟରେ ପହଞ୍ଚିଗଲେ। ସମ୍ମୁଖରେ ନୃତ୍ୟ-ମୁଦ୍ରାରେ ଶ୍ରୀଗଣେଶ ଠାକୁରଙ୍କୁ ଦେଖି ରାବଣ ବିଭୋର ହୋଇ ଗଣେଶଙ୍କ ସ୍ତୁତି ଗାନ କରିବାକୁ ଲାଗିଲା। ରାବଣ, ଏହି ସମୟରେ ଶିବଙ୍କ ସତର୍କବାଣୀକୁ ଭୁଲି ଆତ୍ମଲିଙ୍ଗକୁ ସମୁଦ୍ର ବେଳାରେ ଥୋଇଦେଇ କୋଡ଼ିଏଟି ହାତରେ ତାଳି ମାରି ଫୁଟ୍‌କି ବଜାଇ ଜାନୁପିଟି ଉନ୍ମତ୍ତ ପ୍ରାୟ ନୃତ୍ୟ କରିବାକୁ ଲାଗିଲା। ନୃତ୍ୟ ଗୀତ ଶେଷ କରି ଗଣେଶଙ୍କୁ ପ୍ରଣାମ କରି ଶିବପ୍ରଦତ୍ତ ଆତ୍ମଲିଙ୍ଗକୁ ତଳୁ ଉଠାଇବାକୁ ବାରମ୍ବାର ଚେଷ୍ଟା କରି ମଧ ବିଫଳ ହେଲା। ଏହା ଏତେ ଭାରି ହୋଇଗଲା ଯେ ମହାପରାକ୍ରମୀ ବଳଶାଳୀ ରାବଣ ମଧ ଏହାକୁ ହଲାଇ ପାରିଲା ନାହିଁ। ନିରାଶ ହୋଇ ରାବଣ ଦୁଃଖରେ ଲଙ୍କା ଫେରିଗଲା। ଏହି ଉପାୟରେ ଦେବତାମାନଙ୍କ ଉପକାର କରି ପ୍ରଭୁ ଗଣେଶ ସେମାନଙ୍କର ବିଘ୍ନ ବିନାଶ କରିଥିଲେ। ସବୁ ଦେବଦେବୀ ସମବେତ ହୋଇ ଆନନ୍ଦରେ ମହାବିନାୟକଙ୍କ ବନ୍ଦନା ଗାଇଉଠିଲେ। ସଙ୍ଗୀତ ଓ ନୃତ୍ୟର ଚମତ୍କାରିତାକୁ ସମସ୍ତେ ସମସ୍ୱରରେ ସ୍ୱୀକାର କଲେ।

ପୂର୍ବକାଳରେ ସ୍ୱୟଂ ମହାଦେବ ଗଣେଶଙ୍କୁ ପୂଜାକରି ତ୍ରିପୁରାସୁରକୁ ବଧ କରିଥିଲେ। ଇନ୍ଦ୍ର ଏହି ପୂଜା ବଳରେ ବୃତ୍ତାସୁରର ବଧ କରିଥିଲେ। ଅହଲ୍ୟା ନିଜର ସ୍ୱାମୀଙ୍କୁ ଫେରି ପାଇଥିଲେ। ଦମୟନ୍ତୀ ନଳକୁ ପାଇଥିଲେ। ଶ୍ରୀରାମଚନ୍ଦ୍ର ମାତା ସୀତାଙ୍କୁ ପାଇଥିଲେ। ହନୁମାନ ସୀତାଠାବ କରି ପାରିଥିଲେ। ଭଗୀରଥ ଗଙ୍ଗାଙ୍କୁ ଧରାବତରଣ କରାଇ ପାରିଥିଲେ। ଗରୁଡ଼ ଅମୃତହରଣ କରିଥିଲେ। ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ପାଇଥିଲେ ଏବଂ ଶାମ୍ବ କୁଷ୍ଠରୋଗରୁ ମୁକ୍ତ ହୋଇଥିଲେ। ଯୁଧିଷ୍ଠିର ରାଜ୍ୟ ପାଇଥିଲେ। ଆସନ୍ତୁ, ବିଶ୍ୱବାସୀ ଆଜି ସେହି ଅଗ୍ରପୂଜ୍ୟ ଗଣନାଥଙ୍କୁ ଭକ୍ତିଭରା ହୃଦୟରେ ପୂଜା କରି ତାଙ୍କର ଆଶିଷ ଲାଭ କରିବା। ପ୍ରାର୍ଥନା କରିବା, କରୋନା ମହାମାରୀର ଆକ୍ରମଣରୁ ବିଶ୍ୱକୁ ଉଦ୍ଧାର କରନ୍ତୁ ପ୍ରଭୁ ସିଦ୍ଧି ବିନାୟକ।

***"ଗଣେ ନାରାୟଣେ ରୁଦ୍ରେ ଅଗ୍ନିକେ ଭାସ୍କରେ ତଥା/ଭିନ୍ନାଭିନ୍ନ ନକର୍ତ୍ତବ୍ୟୋ ପଞ୍ଚଦେବଂ ନମସ୍ତୁତେ।"***

# ହାଇକୋର୍ଟ ସ୍ଥାନାନ୍ତର ଦାବିରେ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ଦାବି ନେଇ ଗତକାଲି ଓକିଲମାନଙ୍କ ଦ୍ୱାରା ଆନ୍ଦୋଳନ କରାଯାଇଥିଲା। କୋର୍ଟର ମୁଖ୍ୟ ଫାଟକ ନିକଟରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତିବାଦ କରି ଓକିଲମାନେ ଧାରଣା ଦେଇଥିଲେ। ୨୦୧୩ ମସିହାରୁ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରତି ମାସରେ ଏହି ଆନ୍ଦୋଳନ ଚାଲୁ ରହିଛି। ସବୁ ରାଜ୍ୟର ରାଜଧାନୀରେ ହାଇକୋର୍ଟ ରହିଥିବା ବେଳେ ଭୁବନେଶ୍ୱରରେ ହାଇକୋର୍ଟ ସ୍ଥାପନ ହେଲେ ବହୁ ଆଇନଜୀବୀ ଓ ଜନସାଧାରଣ ଉପକୃତ ହେବେ। ଏହି ଶାନ୍ତିପୂର୍ଣ୍ଣ ଧାରଣାରେ ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, ସମ୍ପାଦକ ରାଜକିଶୋର ଦାସ, ସଂଗଠନ ସମ୍ପାଦକ ଅଶୋକ ବଡ଼ପଣ୍ଡା, ସହ-ସମ୍ପାଦକ ରାଜେନ୍ଦ୍ର କୁମାର ଦାସ, ଦିବାକର ମିଶ୍ର, ଅଭିନାଶ ମହାନ୍ତି, ଚିତ୍ରସେନ ଶ୍ରୀଚନ୍ଦନ, କୁଳଦିପ୍ ରାଉତରାୟ, ଅଶୋକ ସାହୁ, ପ୍ରଦୀପ ପାଲ, ଏସ୍‌ଏସ୍ ସୁବୁଦ୍ଧି, ଅନୋଜ ନାୟକ, ଡ. ଲିଙ୍ଗରାଜ ସାହୁ, କୁନ୍ଦନ ରଥ, ଦେବୀ ବାରିକ୍, ବିପିନ୍ ଭୂଷଣ ବଲିଆରସିଂ, ତପନ ନାୟକ, ଅଭିଜିତ ମିଶ୍ର, ସରୋଜ ସାହୁ, ସ୍ୱାଗତିକା ରଥ, ସୁରେଶ ଦାସ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ।

# ବନ୍ୟା ପ୍ରପୀଡ଼ିତଙ୍କୁ ସହଯୋଗର ହାତ ବଢାଇଲା ଓକିଲ ସଂଘ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ବନ୍ୟା ପ୍ରପୀଡ଼ିତମାନଙ୍କୁ ସହଯୋଗର ହାତ ବଢାଇଛି ଭୁବନେଶ୍ୱର ଓକିଲ ସଂଘ। ଉପକଣ୍ଠରେ ଥିବା ବାଲିପାଟଣା ବ୍ଲକର ପାଣିଘେର ମଧ୍ୟରେ ରହିଥିବା ଗ୍ରାମମାନଙ୍କରେ ସଂଘର ସଦସ୍ୟମାନେ ପହଞ୍ଚି ପ୍ରତି ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ସେମାନଙ୍କ ଭଲମନ୍ଦ ପଚରି ବୁଝିଥିଲେ। ବନ୍ୟା ପ୍ରପୀଡ଼ିତଙ୍କର କ୍ଷୟକ୍ଷତି ଓ ଦୁଃଖଦୁର୍ଦ୍ଦଶା ଦେଖି ଆଗାମୀ ଦିନରେ ସଂଘ ପକ୍ଷରୁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଂଘର ସଭାପତି ରବିନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି। ସଂଘର ସମ୍ପାଦକ ରାଜକିଶୋର ଦାସଙ୍କ ନେତୃତ୍ୱରେ କୋଡ଼ିଏ ଜଣିଆ ଟିମ୍ ବନ୍ୟା ପ୍ରଭାବିତ ପମ୍ପାଲୋ ପଞ୍ଚାୟତର ଟିଙ୍କିପଡ଼ା, ଦରଡ଼ା, ବେଲମରା ଇତ୍ୟାଦି ଗ୍ରାମରେ ପହଞ୍ଚି ରିଲିଫ ପ୍ରଦାନ କରିଥିଲେ। ସଂଘର ଉପସଭାପତି ଅଭିମନ୍ୟୁ ସ୍ୱାଇଁ, କୋଷାଧ୍ୟକ୍ଷ ଦିବାକର ମିଶ୍ର, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, ସହ ସମ୍ପାଦକ ରାଜେନ୍ଦ୍ର ଦାସ, ସବ୍ୟସାଚୀ ସୂତାର, କୁଳଦୀପ ରାଉତରାୟ, ଅବିନାଶ ମହାନ୍ତି, ଚିତ୍ରସେନ ଶ୍ରୀଚନ୍ଦନ, ଅଶୋକ କୁମାର ସାହୁ, ବିମଳ କେଶରୀ ଦାଶ, ପ୍ରଦିପ୍ତ କୁମାର ପାଲ, ଦିପ୍ତିରଞ୍ଜନ ଦଳାଇ, ଅମ୍ରିତା ସାହୁ, ବନ୍ଦିତା ସାମଲଙ୍କ ସମେତ ସରକାରୀ ଓକିଲ ଡ. ସୁରେଶ ବାରିକି, ବିକାଶ ରାଉତରାୟ, ସୁରେଶ ଦାସ, କମଳ ଜେନା, ସୁଜିତାବ ସାମଲ, ଶ୍ରଦ୍ଧାନନ୍ଦ ଦାସ, ସୂର୍ଯ୍ୟନାରାୟଣ ପଣ୍ଡା, ଯୋଗେଶ ଜେନା, ସ୍ମୃତିରଞ୍ଜନ ମଲ୍ଲ ଏବଂ ସ୍ଥାନୀୟ ସରପଞ୍ଚ, ୱାର୍ଡ଼ମେମ୍ବର ପ୍ରମୁଖ ରିଲିଫ କାର୍ଯ୍ୟରେ ସହଯୋଗ କରିଥିଲେ। ଆଇନଜୀବୀମାନଙ୍କ ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇବା ସହ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଇପିଏଫ୍ ପେନସନର୍ସ ଆସୋସିଏସନ୍ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ




କେନ୍ଦୁଝର (ପିଏନ୍): ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ସମ୍ବଳିତ ଦାବୀପତ୍ର କେନ୍ଦୁଝରଠାରେ ଥିବା ଭବିଷ୍ୟନିଧି କମିଶନରଙ୍କ ଜରିଆରେ ଗତ ଗୁରୁବାର ଅପରାହ୍ନରେ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଇପିଏଫ୍ ପେନସନଭୋଗୀ ସ୍ଥାନୀୟ ଧୋବାଡିହା ଛକ ନିକଟରୁ ଏକ ପଟୁଆରରେ ବାହାରି ବିଭିନ୍ନ ସ୍ଲୋଗାନ ଦେବା ସହିତ ଭବିଷ୍ୟନିଧି କମିଶନରଙ୍କ ଅଫିସ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦୁଝର ଜିଲ୍ଲା ସଭାପତି ମକରଧ୍ୱଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏସନ୍ ର ରାଜ୍ୟ ସଂଗଠନ ସଂପାଦକ କୃଷ୍ଣଚନ୍ଦ୍ର ମହାନ୍ତି,ରାଜ୍ୟ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ,କେନ୍ଦୁଝର ଜିଲ୍ଲା ସଂପାଦକ ତଥା ରାଜ୍ୟ ସଂଗଠନ ଉପସଭାପତି ରମେଶ ଚନ୍ଦ୍ର ଘଡେଇ,ଉପସଭାପତି ଶ୍ୟାମସୁନ୍ଦର ନାୟକ,ଯୁଗ୍ମ ସଂପାଦକ ଭାବଗ୍ରାହୀ ରାଉତ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉର୍ବଶୀ ମିଶ୍ର,ଅଳକା ବାରିକ,ସମର ସିଂ,ବାସୁଦେବ ସାହୁ,ଭଟକିଶୋର ମହାନ୍ତ,ନବକିଶୋର ସାହୁ,ପ୍ରଜକିଶୋର ଓଝା,ପ୍ରମୋଦ ସ୍ୱାଇଁ ଓ ମହମ୍ମଦ ଗାଲିବ ହୋସେନ ପ୍ରମୁଖ ଉଦ୍‌ବୋଧନ ଦେଇ ଇପିଏଫ୍ ପେନସନଭୋଗୀମାନଙ୍କର ବହୁବିଧ ସମସ୍ୟା ତଥା ସେ ସବୁର ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ଚରମ ଉଦାସୀନତା ବାବଦରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାର ଏ ସବୁ ସମସ୍ୟାର ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ରାଜ୍ୟରେ ଥିବା ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଓ ସମଗ୍ର ଦେଶର ୭୦ ଲକ୍ଷରୁ ଅଧିକ ପେନସନଭୋଗୀ ବରିଷ୍ଠ ନାଗରିକମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ। କେନ୍ଦୁଝର ଜିଲ୍ଲା ସଂପାଦକ ରମେଶ ଚନ୍ଦ୍ର ଘଡେଇ ଇପିଏଫ୍ ପେନସନ ଭୋଗୀ ତଥା ବରିଷ୍ଠ ନାଗରିକଙ୍କ ଦାବୀ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ନିନ୍ଦା କରିଥିଲେ। ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ଧାର୍ଯ୍ୟ କରିବା ସହିତ ମହଙ୍ଗା ଭତ୍ତା ପ୍ରଦାନ,ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଏବଂ ସମସ୍ତ ଇପିଏଫ୍ ପେନସନ ଭୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ଦାବୀର ସମାଧାନ ଏବଂ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ସମ୍ବଳିତ ଦାବୀପତ୍ର କେନ୍ଦୁଝରଠାରେ ଥିବା ଭବିଷ୍ୟନିଧି କମିଶନରଙ୍କ ଜରିଆରେ ପ୍ରତିନିଧି ଦଳ ପ୍ରଦାନ କରିଥିଲେ। ଶେଷରେ କେନ୍ଦୁଝର ଜିଲ୍ଲା ଶାଖାର ଉପସଭାପତି ଶ୍ୟାମସୁନ୍ଦର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଦୁଇ ମାଈ ହାତୀ ମୃତ

କେନ୍ଦୁଝର (ପିଏନ୍): କେନ୍ଦୁଝର ସଦର ରେଞ୍ଜ ସିଦ୍ଧମଠ ବିଟ୍ ଅନ୍ତର୍ଗତ ଓୟୁଏଟି ପରିସରରେ ଗତ ଗୁରୁବାର ଭୋର ସକାଳ ସମୟରେ ବିଦ୍ୟୁତ୍ ଆଘାତରେ ଦୁଇଟି ମାଈ ହାତୀ ମୃତ୍ୟୁବରଣ କରିଛନ୍ତି। ସାନଘାଗରା ଡିପିଏଫ୍ ଜଙ୍ଗଲର ଜୁଡିଆରେ ୯ଟି ହାତୀ ଗତକାଲି ଥିଲେ। ହାତୀ ଦଳରେ ୨ଟି ଦନ୍ତା, ୫ଟି ମାଈ ହାତୀ ସମେତ ୨ଟି ହାତୀ ଛୁଆ ଥିଲେ। ଗତ କିଛିଦିନ ହେବ ଏହି ହାତୀଦଳ ଜୁଡିଆ ଜଙ୍ଗଲରେ ରହି ଆସୁଥିଲେ। ଗୁରୁବାର ଭୋର ସମୟରେ ହାତୀ ଦଳ ଓୟୁଏଟି ପରିସରରେ ପଶିଥିଲେ। ପରିତ୍ୟକ୍ତ ଷ୍ଟାଫ କ୍ୱାର୍ଟର ନିକଟରେ ମାଳିଗାଁ ଯାଇଥିବା ଚଲା ରାସ୍ତାରେ ଏଲଟି ଲାଇନରେ ଲାଗିଥିବା ଲତା ଖାଇବା ପାଇଁ ଶୁଣ୍ଢରେ ଟାଣି ଦେବା ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଟି ମାଈ ହାତୀ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ହାତୀମାନେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିନଥିବାରୁ ଅଳ୍ପକେ ରକ୍ଷାପାଇଯାଇଛନ୍ତି। ଅନ୍ୟ ୭ଟି ହାତୀ ନିକଟସ୍ଥ ସାନଘାଗରା ଡିପିଏଫ୍ ଜଙ୍ଗଲକୁ ପଳାଇଛନ୍ତି। ବନବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଅବହେଳାରୁ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଦିନକୁ ଦିନ ବଢିବାରେ ଲାଗିଛି। ଏହି ସ୍ଥାନରେ ହାତୀପଲ ଦୀର୍ଘଦିନ ଧରି ରହୁଥିଲେ ହେଁ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଉକ୍ତ ଅଞ୍ଚଳ ଦେଇ ଯାଇଥିବା ୧୧ କେଭି ତାର କେବୁଲ ମାଧ୍ୟମରେ ବିଛା ଯାଇଥିବାବେଳେ ମାଳିଗାଁକୁ ଯାଇଥିବା ୫୫ମିଟର ଲୋ-ଟ୍ରାନସମିଶନ (ଏଲଟି) ଲାଇନ କେବୁଲ କରାଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ଆରସିସିଏଫ୍ ଡକ୍ଟର ଅରୁଣ ମିଶ୍ର ସୂଚନା ଦେଇଛନ୍ତି। ଏଲଟି ଲାଇନ କମ୍ ଉଚ୍ଚତାରେ ଥିବାବେଳେ ଲତାରେ ଲୁଚି ଯାଇଥିଲେ ମଧ୍ୟ ଏହାକୁ ବିଦ୍ୟୁତ୍ ବିଭାଗ ସଫା କରିନାହିଁ। ହାତୀପଲଙ୍କ ଯାତାୟାତ ପଥରେ ଏବଂ ଜଙ୍ଗଲ ଭିତରେ ଥିବା ବିଦ୍ୟୁତ୍ ତାରକୁ କେବୁଲ କରାଯାଉନଥିବାରୁ ହାତୀଙ୍କ ମୃତ୍ୟୁ ଘଟୁଛି। ମୃତ ହାତୀ ଦ୍ୱୟର ବୟସ ପାଖାପାଖି ୨୫ରୁ ୩୦ ବର୍ଷ ହେବ ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ କିଛି ମାସ ତଳେ ଗୋଟିଏ ଶିଶୁ ଜନ୍ମ ଦେଇଥିଲା। ମୃତ୍ୟୁବରଣ କରିଥିବା ଅନ୍ୟ ଗୋଟିଏ ମାଈ ହାତୀ ଗର୍ଭବତୀ ଥିବା ବ୍ୟବଚ୍ଛେଦ ସମୟରେ ଜଣାପଡିଥିଲା। ଏହି ଘଟଣା ପରେ ଶିଶୁ ହାତୀର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆସନ୍ତା ସେପ୍ଟେମ୍ବର ୪ରେ କଂଗ୍ରେସର ମହଙ୍ଗାଇ ପର ହାଲ୍ଲାବୋଲ୍-ଚଲୋ ଦିଲ୍ଲୀ କାର୍ଯ୍ୟକ୍ରମ

ରାଉରକେଲା (ପିଏନ୍): ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବ୍ୟାପକ ବେକାରୀ ବିରୁଦ୍ଧରେ ଆସନ୍ତା ସେପ୍ଟେମ୍ବର ୪ରେ ଦିଲ୍ଲୀର ଲାମଲୀଲା ମଇଦାନଠାରେ ଏକ ବିଶାଳ ମହଙ୍ଗାଇ ପର ହାଲ୍ଲାବୋଲ୍ ସମାବେଶ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ଲକ୍ଷ ଲକ୍ଷ ଲୋକ ଯୋଗ ଦେବେ। ତେଣୁ ଏହି କାର୍ଯ୍ୟକ୍ରମରେ ରାଉରକେଲା ସାଙ୍ଗଠନିକ ଜିଲ୍ଲାରୁ କିଭଳି ଭାବେ ଅଧିକରୁ ଅଧିକ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିବେ, ସେଥିପାଇଁ ଗତକାଲି ଜିଲ୍ଲା କଂଗ୍ରେସ ତରଫରୁ ଏକ ବୈଠକ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଅନ୍ତରୀଣ ଅଧକ୍ଷ ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ପିସିସି ସଭାପତି ସବୀର ହୁସେନ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, କଂଗ୍ରେସ ମୁଖପାତ୍ର କୈଳାସ ସାହୁ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବ୍ଲକ୍ ସଭାପତି ରଘୁନାଥ ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ଦିଲ୍ଲୀପ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କିଭଳି ଅଧିକ ସଂଖ୍ୟାରେ କଂଗ୍ରେସ କର୍ମୀ ଦିଲ୍ଲୀ ସମାବେଶରେ ସୁରୁଖୁରୁରେ ଯୋଗଦେବେ ସେ ବାବଦରେ ମତ ରଖିଥିଲେ। ଯେଉଁମାନେ ଦିଲ୍ଲୀ ସମାବେଶରେ ଯୋଗଦେବେ ସେମାନେ ଚଳିତ ୨୮ ତାରିଖ ସୁଦ୍ଧା ନିଜ ନାମ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଅଥବା ଅନ୍ତରୀଣ ଜିଲ୍ଲା ସଭାପତି ଶ୍ରୀ ବିହାରୀଙ୍କ ନିକଟରେ ଦାଖଲ କରିବାକୁ ଏହି ଅବସରରେ ପରାମର୍ଶ ଦିଆଯାଇଥିଲା। ତେବେ ଯେତେ ଅଧିକ ସଂଖ୍ୟାରେ ସମ୍ଭବ ହେବ କଂଗ୍ରେସ କର୍ମୀ ଏହି ସମାବେଶରେ ଜିଲ୍ଲାରୁ ଯାଇ ଆସନ୍ତା ୩ ତାରିଖ ଅପରାହ୍ନ ସୁଦ୍ଧା ଦିଲ୍ଲୀରେ ପହଞ୍ଚିବା ପାଇଁ କୁହାଯାଇଛି ବୋଲି ଏକ ପ୍ରେସ୍ ବିବୃତିରେ ଦଳ ତରଫରୁ ସୂଚନା ଦିଆଯାଇଛି ।

# କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ରିଲିଫ ବଂଟନ



ଖୋର୍ଦ୍ଧା (ପିଏନ୍): କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଖୋର୍ଦ୍ଧା ବ୍ଲକର ଶରଧାପୁର ଓ କଣାସ ବ୍ଲକର ଦୋକନ୍ଦାଠାରେ ବନ୍ୟା ପ୍ରପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ ପାଉଁରୁଟି ଓ ବିସ୍କୁଟ ଆଦି ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଇଂ. ଶିଶିର କୁମାର ନାୟକ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉପ-ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମନୋରଂଜନ ପର୍ଶ୍ଚିମକବାଟ, ନିରଂଜନ ପର୍ଶ୍ଚିମକବାଟ, ରାମଚନ୍ଦ୍ର ସାମନ୍ତରାୟ, ପ୍ରଭାକର ପାଲଟାସିଂ, ଧରଣୀଧର ପାଲଟାସିଂ ଓ ପ୍ରଦୀପ ମାନସିଂହ, ମଧୁସୂଦନ ସୁନ୍ଦରାୟ ପ୍ରମୁଖ ଯୋଗ ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଜୁନ ୩୦

# ସରକାରୀ ଚିକିତ୍ସାଳୟରେ ଯକ୍ଷ୍ମାରୋଗର ଔଷଧ ନିୟମିତ ମିଳୁ

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ରାଜରୋଗ ଭାବେ ବେଶ ଅପବାଦ ମୁଣ୍ଡାଇ ଥିବା ଭୟାନକ ଯକ୍ଷ୍ମା ଏକ ସଂକ୍ରାମକ ଓ ଦୀର୍ଘ ଅବଧିର ଚିକିତ୍ସା ରଖିଥାଏ। ଏସବୁ ଭିତରେ ରାଜ୍ୟରେ ମୌସୁମୀ ବର୍ଷା ବଢ଼ିଥିବାବେଳେ ଉଦ୍‌ବେଗଜନକ ଭାବେ ଯକ୍ଷ୍ମାର ପ୍ରକୋପତା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଗତ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ହେବ କେବଳ ଓଡ଼ିଶାରେ ନୁହେଁ ସାରା ଦେଶରେ ଯକ୍ଷ୍ମାରୋଗର ଔଷଧର ଘୋର ଅଭାବ ପରିସ୍ଥିତିକୁ ସଙ୍ଗୀନ କରିଦେବାର ଆଶଙ୍କା ସୃଷ୍ଟି ହେଲାଣି। ସୂଚନାଯୋଗ୍ୟ ଯକ୍ଷ୍ମାରୋଗ, ଦୈନିକ ଯକ୍ଷ୍ମାମୃତ୍ୟୁ ଏବଂ ମଲ୍ଟି ଡ୍ରଗ ପ୍ରତିରୋଧ ଟିବିରେ ଆମ ଦେଶ ବିଶ୍ୱରେ ଏକ ନମ୍ବର। ଏହି ସମୟରେ ଯକ୍ଷ୍ମା ଔଷଧର ଅଭାବ କେବଳ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ବଢ଼ାଇବ ତାହାନୁହେଁ ଏହାମଧ୍ୟ ଏମଡ଼ିଆର ରୋଗୀ ସଂଖ୍ୟା ବହୁ ଗୁଣିତ କରିବ। ଇତିମଧ୍ୟରେ ଔଷଧ ଅଭାବରୁ ଅନେକ ଯକ୍ଷ୍ମାରୋଗୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ଏହି ରୋଗର ଲମ୍ବା ସମୟର ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ରୋଗୀକୁ ସର୍ବନିମ୍ନ ଏକ ମାସ ପାଇଁ ଔଷଧ ପ୍ରଦାନ କରାଯାଉଥିଲା। ବର୍ତ୍ତମାନ କିନ୍ତୁ ଷ୍ଟକ ଅଭାବ ଦର୍ଶାଇ ମାତ୍ର ପାଞ୍ଚଦିନ ପାଇଁ ପ୍ରଦାନ କରାଯାଉଛି। ରୋଗୀମାନେ ବାରମ୍ବାର ଡାକ୍ତରଖାନା ଯିବା ପାଇଁ ଅଯଥା ସମୟ ଓ ଅର୍ଥ ଅପଚୟ କରୁଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ବଡ଼ଡାକ୍ତରଖାନା, ଜିଲ୍ଲାସ୍ତରୀୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏପରିକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହାର ଔଷଧ ପ୍ରଦାନରେ ଅନିୟମିତତା ରହୁଛି। ଏସବୁକୁ ଦୃଷ୍ଟିରେ ରଖି ଯକ୍ଷ୍ମାରୋଗର ସମସ୍ତ ଔଷଧ ସରକାରୀ ଚିକିତ୍ସାଳୟ ମାନଙ୍କରେ ନିରବଚ୍ଛିନ୍ନ ବିନା ମୂଲ୍ୟରେ ଉପଲବ୍ଧତାକୁ ପୁନଃ ସ୍ଥାପିତ କରିବା ପାଇଁ ସମସ୍ତ ସ୍ତରରେ ତୁରନ୍ତ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦୃଢ଼ ଦାବୀ ହେଉଛି।

*ଉପସଭାପତି*
*ମେଡ଼ିକାଲ ସର୍ଭିସ ସେଣ୍ଟର ଓଡ଼ିଶା,*
*ଭୁବନେଶ୍ୱର,*
*ମୋ: ୯୪୩୮୨୭୬୭୬୦*

# ସ୍ମୃତି ଭିତରେ କ୍ୟାମେରାର ମୁହୂର୍ତ୍ତ


ବିପିନ ବିହାରୀ ରାଉତ

ଆଜି କ୍ୟାମେରା ଦିବସ। ଆଜିକା ଯୁଗରେ ମାନବ ସମାଜର ଏକ ଅବିଚ୍ଛେଦୀୟ ଅଙ୍ଗ ଭାବେ କ୍ୟାମେରାକୁ ବିବେଚନା କରାଯାଏ। କୌଣସି ନୂଆ ସ୍ଥାନକୁ ଗସ୍ତ ହେଉ କିମ୍ବା କୌଣସି ନୂତନ କାର୍ଯ୍ୟ କରିବା ହେଉ, ମୂଲ୍ୟବାନ ମୁହୂର୍ତ୍ତକୁ ଫଟୋ ଆକାରରେ ଜୀବନ ସାରା ସାଇତି ରଖିବା ପାଇଁ ଖୋଜା ପଡ଼ିଥାଏ କ୍ୟାମେରା। ଯଦିଓ ଆଜିକା ସମୟରେ କ୍ୟାମେରାର ଢ଼େର ଜାଗା ନେଇଯାଇଛି ଅତ୍ୟାଧୁନିକ ମୋବାଇଲ ତେବେ ଏସବୁ ଭିତରେ ସ୍ମୃତି ରୋମନ୍ଥନ କରିବା ପାଇଁ କ୍ୟାମେରାର ପ୍ରିୟତା କମି ନାହିଁ। ଆପଣ ଟିକିଏ ଆପଣ ମାନଙ୍କ ପିଲାଦିନର କଥା ମନେ ପକାନ୍ତୁ। ଷ୍ଟୁଡିଓ ଯାଇ କ୍ୟାମେରା ସାମ୍ନାରେ ଫଟୋ ଉଠାଇବା ପାଇଁ କେତେ ଆଗ୍ରହ ଓ ଉଚ୍ଛାଟ ନଥିଲା!! ମୋ ପିଲାଦିନର ସ୍ମୃତି ମଧ୍ୟ ବହୁତ ରହିଛି। ସେ ସମୟର କଳାଧଳା ଫଟୋ ଓ ପରବର୍ତ୍ତୀ ସମୟର ରଙ୍ଗୀନ ଫଟୋ ଭିତରେ ଲମ୍ବା ତଫାତ୍ ରହିଥିଲେ ମଧ୍ୟ କ୍ୟାମେରା ସବୁଦିନ ପାଇଁ ଅବିସ୍ମରଣୀୟ। ଏପରି ଅନେକ ସ୍ମୃତି, କଥା, କାହାଣୀ ଆଉ ପିଛିଲା ଦିନର ରଙ୍ଗୀନ ହୁଏତ କଳାଧଳା, ସମୟକୁ ମନେ ପକାଇବା ପାଇଁ ଫଟୋ, କ୍ୟାମେରା ଓ କ୍ୟାମେରା ନିର୍ମାତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୨୯ରେ ପାଳିତ ହୁଏ ଜାତୀୟ କ୍ୟାମେରା ଦିବସ। କ୍ୟାମେରା ଦ୍ୱାରା ଫ୍ରେମ୍‌ରେ ସ୍ମୃତିଗୁଡ଼ିକୁ ସାଇତି ରଖିବା ଖୁବ୍ ସରଳ ହୋଇଯାଇଛି। କ୍ୟାମେରା ଏକ ଅପରିବର୍ତ୍ତନୀୟ ଉପକରଣ ଯାହା ଘଟଣା, ଦୁର୍ଘଟଣା, ସ୍ମୃତି ଆଦିକୁ ରେକର୍ଡ଼ କରିବା ପାଇଁ ବ୍ୟବହୃତ ହୋଇଥାଏ। ୧୬୮୫ ମସିହାରେ ଜନ ଜହନ ପ୍ରଥମ କ୍ୟାମେରା ଡିଜାଇନ କରିଥିଲେ। କିନ୍ତୁ ପ୍ରଥମ ଫଟୋ ଜୋସେଫ ନାଇସଫେଶର ନାଇପସି ଉତ୍ତୋଳନ କରିଥିଲେ। ଫ୍ରେଞ୍ଚ ଉଦ୍ଭାବକ ଜୋସେଫ ନିସେଫର ନିପସ ୧୮୨୫ରେ ବିଶ୍ୱର ପ୍ରଥମ ଫଟୋଗ୍ରାଫ ଉଠାଇଥିଲେ। ସେଇଟି ଥିଲା, ଲିଗ୍ରାସ୍‌ସ୍ଥିତ ତାଙ୍କ ପାରିବାରିକ ଭୂସଂପତ୍ତିର ଫଟୋ। ସେ ଯେଉଁ କାରିଗରୀ କୌଶଳ ଦ୍ୱାରା ନିଜ ପ୍ରାସାଦର ଏକ ଝରକା ପାଖରୁ ଫଟୋଟି ଉଠାଇଥିଲେ, ତାହା ହେଲିଓଗ୍ରାଫ ଭାବେ ନାମିତ। ତାହା ପରେ ୧୮୩୯ରେ ଲୁଇସ ଜାକ୍ ମାଣ୍ଡେ ଡାଗେୟା ଏବଂ ୧୮୫୬ରେ ହାମିଲଟନ ସ୍ମିଥ ଫଟୋ ଉଠାଇବା ପାଇଁ ଯଥାକ୍ରମେ ଡାଗେୟାଟାଇପ୍ ଓ ଟିନ୍‌ଟାଇପ କାରିଗରୀ କୌଶଳ ବିକଶିତ କରିଥିଲେ। ତାହାର ବହୁ ବର୍ଷ ପରେ ପ୍ରଥମ କ୍ୟାମେରା ଫିଲ୍ମ ତିଆରି କରିଥିଲେ ଜର୍ଜ ଇଷ୍ଟମ୍ୟାନ। ୧୮୮୮ରେ କୋଡାକ କ୍ୟାମେରାର ବିକ୍ରି ଆରମ୍ଭ ହୋଇଥିଲା। ୧୯୨୫ରେ ବଜାରକୁ ଆସିଥିଲା ପ୍ରଥମ ଲାଇକା କ୍ୟାମେରା ଏବଂ ୧୯୩୬ରେ ପ୍ରଥମ ୩୫ ଏମଏମ୍ ରେଞ୍ଜଫାଇଣ୍ଡର କାନନ୍। ୧୯୮୯ରେ ପ୍ରଥମ ଫୁଜି ଡିଜିଟାଲ କ୍ୟାମେରା ନିର୍ମିତ ହୋଇଥିଲା ଏବଂ ୧୯୯୧ରେ କୋଡ଼ାକ୍ ଡିଜିଟାଲ କ୍ୟାମେରା। ୧୯୯୯ରେ ନିକନ ଡିଜିଟାଲ ଏସଏଲଆର କ୍ୟାମେରା ପ୍ରଥମ ଥର ପାଇଁ ବଜାରକୁ ଆସିଥିଲା। ୨୦୧୦ ପରେ ସବୁ ମୋବାଇଲ ଫୋନରେ କ୍ୟାମେରା ବ୍ୟବହୃତ ହେଉଛି। ତେବେ ଆଜି ଜାତୀୟ କ୍ୟାମେରା ଦିବସ ଅବସରରେ ଆମେ ସମସ୍ତେ ଆମ ପିଲାଦିନର, ପୂର୍ବ ସମୟର ସେହି କଳାଧଳା ହେଉ ବା ରଙ୍ଗୀନ କ୍ୟାମେରାର ରିଲ ପରି ଚାଲନ୍ତୁ ସ୍ମୃତିକୁ ଟିକିଏ ଆଗପଛ କରିନେବା

*ତୁଳସୀପୁର, କଟକ*

# ବାସ୍ତବ ସତ୍ୟର ଅନୁସନ୍ଧାନ-୧


ପଙ୍କଜ କୁମାର ପାଣିଗ୍ରାହୀ

ସମଗ୍ର ବିଶ୍ୱବାସୀ ମଣିଷ ଆମେ ଗୋଟିଏ ପରିବାର ସଦୃଶ୍ୟ । ଜଣେ ଅନ୍ୟକୁ ସ୍ନେହ ଶ୍ରଦ୍ଧା କରି ସତ୍ୟ ପଥରେ ଚାଲି ବଂଚିବା ହେଉଛି ମାନବ ଧର୍ମ । କି'ନ୍ତୁ ଆଜି ସମୟରେ ସମାଜର ଚତୁର ବର୍ଗ ମଣିଷ କ'ଣ ସବୁ କରୁଛନ୍ତି ଏବଂ ସମଗ୍ର ମଣିଷ ସମାଜ ଆଜି ନିରାନନ୍ଦରେ କାହିଁକି ବିଚାର କରିବା । ଆସନ୍ତୁ, ପ୍ରଥମେ ଜାଣିବା ସତ୍ୟ ଓ ବାସ୍ତବ ସତ୍ୟ ମଧ୍ୟରେ ପ୍ରଭେଦ କ'ଣ ? ଆମ ଦୈନନ୍ଦିନ ଜୀବନରେ ତାର ପ୍ରଭାବ ପ୍ରକୋପ ଗୁଡ଼ିକୁ ଅନୁଶୀଳନ କରି ଆମେ କ'ଣ କରୁଛେ ଓ କ'ଣ କରିବା କଥା ଦେଖିବା । ଆମକୁ ହୃଦ୍‌ବୋଧ ହେଉଥିବା ସତ୍ୟ ଗୁଡିକ ଅନେକ ସମୟରେ ପରିବ ର୍ତ୍ତିତ ହୋଇ ମିଥ୍ୟାରେ ପରିଣତ ହେବା ସମ୍ଭାବନା ରହିଥାଏ । ବାସ୍ତବ ସତ୍ୟ କି'ନ୍ତୁ ନିର୍ଦ୍ଦିଷ୍ଟ, ଏକକ, ଅପରିବ ର୍ତ୍ତିତ । ମନୁଷ୍ୟକୃତ ସତ୍ୟ ଗୁଡିକ ମଧ୍ୟରୁ କେତେକ ପ୍ରକୃତ ସତ୍ୟ ହୋଇଥିଲେ ମଧ୍ୟ ଅନେକ ଅବାସ୍ତବ, ଅସତ୍ୟ ରହିଥାଏ ସେଗୁଡ଼ିକରେ । କି'ନ୍ତୁ ପ୍ରାକୃତିକ ସତ୍ୟ ସବୁବେଳେ ବାସ୍ତବ ଓ ଅପରିବ ର୍ତ୍ତିତ । ସାଧାରଣ ମଣିଷ ପ୍ରାକୃତିକ ବା ବାସ୍ତବ ସତ୍ୟକୁ ପ୍ରତ୍ୟାଖ୍ୟାନ କରି ଆଜି ସମୟରେ ମନୁଷ୍ୟକୃତ ସତ୍ୟ ଗୁଡିକ ପଛରେ ପ୍ରଧାବିତ ଯାହା ହୁଏତ ତାକୁ ସଠିକ୍ ପଥରେ ପରିଚାଳିତ କରୁଛି କି ବିପଥ ଏକ ଅନୁଶୀଳନ ସାପେକ୍ଷ ବିଷୟ ଯାହା ଏଠାରେ ଆଲୋଚନା କରିବା । ଅନ୍ୟୁନ ୯୦ ପ୍ରତିଶତରୁ ଅଧିକ ମିଥ୍ୟାକୁ ସତ୍ୟ ରୂପରେ ଗ୍ରହଣ କରି ଆମେ ସମସ୍ତେ ଆଜି ପ୍ରଚୁର ନିଷ୍ପେସିତ ଏବଂ ଆମ ଜୀବନ ପଥରେ ଦୁଃଖର କାରଣ ଗୁଡିଏ ସୃଷ୍ଟି ହୋଇଥାଏ ସେଇଠୁ । ଦୈନନ୍ଦିନ ଜୀବନରେ ଆମେ ଯାହାସବୁ ପଢି, ଦେଖି, ଶୁଣି ଜାଣିଛେ ବା ଜାଣୁଛେ ସେଗୁଡିକ ପ୍ରକୃତ ସତ୍ୟ ଆଧାରିତ କି ନୁହେଁ ତାର ଅନୁଶୀଳନ ନକରି ତାହାହିଁ ଶେଷ, ସତ୍ୟ ବୋଲି ବିଚାର କରିବା ଆଦୌ ଠିକ୍ ନୁହେଁ । ପ୍ରକୃତ ସତ୍ୟକୁ ନଜାଣି କେବଳ ସାମାଜିକ ପରିବେଶ ମଧ୍ୟରୁ ଆହରଣ କରିଥିବା ଯେ କୌଣସି ବିଷୟକୁ ନର୍ଦ୍ଦ୍ୱନ୍ଦରେ ଗ୍ରହଣ କରୁଥିବା ମଣିଷ ବାସ୍ତବ ସତ୍ୟକୁ ଜାଣିପାରି ନଥା'ନ୍ତି । ଯୁଗ ଯୁଗ ଧରି ମଣିଷ ପରାଶ୍ରିତ ଅବସ୍ଥାରେ ରହିବା ପଛର ମୁଖ୍ୟ କାରଣ ହେଉଛି ନିଜର ଚେତନା ଜ୍ଞାନ ଉଦୟ କରିବାରେ ବିଫଳତା ହେତୁ । ନିରାଧାରରେ ଗ୍ରହଣ କରି ଚାଲିଥିବା ଆମ ଜୀବନର ସବୁ କଥା, ବିଷୟ ଗୁଡିକ କେବଳ ମିଥ୍ୟା ଆଧାରିତ ଯାହା ପାଇଁ ସମଗ୍ର ମାନବ ଜାତି ଆଜି ପ୍ରତାରିତ ନିଷ୍ପେସିତ । କେମିତି ଓ କାହିଁକି, ତାହା କେହି କହୁନାହାନ୍ତି କିମ୍ବା ସାଧାରଣ ମଣିଷ ଜାଣିବା ମଧ୍ୟ ସମ୍ଭବ ହେଉନାହିଁ । ତେଣୁ ଆମେ ସମସ୍ତେ ଆଜି ନିରାନନ୍ଦ ଜୀବନ ଯାପନ କରୁଥିବା ସ୍ୱୀକାର କରିବେ ୯୯ ଶତକଡାରୁ ଅଧିକ ମଣିଷ । ବାସ୍ତବ ସତ୍ୟକୁ ଜାଣିବା କେମିତି ଓ ସାମାଜିକ ସତ୍ୟସ୍ୱରୂପ ମିଥ୍ୟା ଗୁଡିକୁ ଅନୁଶୀଳନ କରି ତା ପଛରେ ରହିଥିବା ରହସ୍ୟ ଗୁଡିକୁ ଜାଣିବା ହେଲେ ଆମ ଜୀବନ ସରଳ ସୁଗମ ହୋଇ ପାରିବ । ସେଗୁଡିକୁ ଆମେ ନିହାତି ଜାଣିବା ଆବଶ୍ୟକ । ତା ହେଲେହିଁ ଆମ ଜୀବନ ଆନନ୍ଦମୟ ହୋଇପାରିବ ଯାହା ଏହି ସଂସାରରେ ଆମକୁ କେହି କୁହନ୍ତି ନାହିଁ ! କାରଣ ସେଗୁଡିକ କେବଳ ସୀମିତ ହାତଗଣତି ସ୍ୱାର୍ଥପର ମଣିଷଙ୍କ ବ୍ୟତୀତ ସମସ୍ତେ ଜାଣନ୍ତି ନାହିଁ ! ତେଣୁ ଦ୍ୱିତୀୟ ଅଧ୍ୟାୟରେ ବିଭିନ୍ନ ଉଦାହରଣ ସହିତ ଦୈନନ୍ଦିନ ଜୀବନର କେତେକ ବର୍ଜନୀୟ ଅସତ୍ୟ ଗୁଡିକ ଉପରେ ବିସ୍ତୃତ ଆଲୋଚନା କରିବା । ଶିକ୍ଷା, ସ୍ୱାସ୍ଥ୍ୟ, ଧନ, ଜୀବନ, ଧର୍ମ ତଥା ଆହୁରି ଅନେକ ବିଷୟରେ ଆମେ ସତ୍ୟ ସ୍ୱରୂପ ମିଥ୍ୟା ଗୁଡିକ ପଛରେ ଦୌଡ଼ି ପିଢ଼ିକୁ ପିଢ଼ି କେମିତି ନିଜ ଜୀବନକୁ ଦହଗଞ୍ଜ କରି ଶେଷ ନିଶ୍ୱାସ ତ୍ୟାଗ କରୁଛେ ସେ ବିଷୟରେ ଗୋଟି ଗୋଟି କରି ବିଚାର କରିବା ପରବ ର୍ତ୍ତୀ ଅଧ୍ୟାୟ ଗୁଡିକରେ। ତେଣୁ ଆମ ସହିତ ଯୋଡି ହୋଇ ରୁହନ୍ତୁ ଏବଂ ଆପଣଙ୍କ ମନରେ ପ୍ରଶ୍ନ, ଦୁବିଧା ଥିଲେ ଆମକୁ ଏଠାରେ ପଚାରନ୍ତୁ । ନିଶ୍ଚିତ ଏବଂ ସଠିକ୍ ଉ ର ପାଇବେ। ଆଜି ପାଇଁ ଏତିକି... ଧନ୍ୟବାଦ. (କ୍ରମଶଃ)

*ୟୁଟ୍ୟୁବ୍-ସାମାଜିକ ଜନମଂଚ*
*(ଭାରତ)*
*ଛତ୍ରପୁର, ଗଞ୍ଜାମ-୭୬୧୦୨୦*
*ମୋ: ୯୪୩୭୩୨୪୯୧୭.*

# ଭୁବନେଶ୍ୱରରେ ପ୍ରଚୁର ପନିପରିବା ଚାଷ ହେବାର ନିଶ୍ଚିତ ଉପାୟ

**ଶ୍ରୀ ଲକ୍ଷ୍ମୀ ନାରାୟଣ କର**

ଆଜିକାଲି ଭୁବନେଶ୍ୱରରେ ପନିପରିବା ର ଦାମ ଏତେ ପରିମାଣରେ ଉଚ୍ଚରେ ରହିଛି ଯେ ପ୍ରତି ବର୍ଗ ର ଖାଉଟି ମାନଙ୍କୁ ବାଧୁଛି । କୃଷି ବିଭାଗ ଉଦ୍ୟାନ ବିଭାଗ ର ଅବହେଳାରୁ ପନିପରିବା ଚାଷ ର ବୃଦ୍ଧି ନ ହୋଇପାରି ବର୍ଷ ସାରା ଉଚ୍ଚା ଦର ରହିବାର ମୁଖ୍ୟ କାରଣ। ଭୁବନେଶ୍ୱର ଆଖ ପାଖ ବ୍ଲକ ପିପିଲି ,ନିମାପଡ଼ା ,ବାଲିପାଟଣା , ବାଲିଅନ୍ତା,ଜଟଣୀ ,ଖୋର୍ଦ୍ଧା ପ୍ରଭୃତି ଅଞ୍ଚଳ ରେ ଯଦି ଆନ୍ତରିକତାର ସହିତ ପନିପରିବା ଚାଷ କରାଯାଏ ତେବେ ଭୁବନେଶ୍ୱର ରେ କେବେ ବି ପନିପରିବା ର ଅଭାବ ରହିବ ନାହିଁ ଓ ଦର୍ ବୃଦ୍ଧି ମଧ୍ୟ ହେବ ନାହିଁ। ପ୍ରାୟ ୩୦ ବର୍ଷ ଆଗରୁ ଏହି ସବୁ ଅଞ୍ଚଳ ରୁ ପ୍ରତିଦିନ ଭୁବନେଶ୍ୱର ବଜାର କୁ ଅନେକ ମାଲ ବୋଝେଇ ଟ୍ରକ ଆସୁଥିଲା ଓ ସେତେବେଳର ବଜାର ଦର ଖାଉଟି ମାନଙ୍କୁ ବେଶ ସୁହଉଥିଲା କାରଣ ଲୋକ ସାଂଖ୍ୟ ହିସାବରେ ପ୍ରଚୁର ଆମଦାନୀ ଥିଲା । ଏବେ ଠିକ୍ ଅଛି ଭୁବନେଶ୍ୱର ରେ ଲୋକସଂଖ୍ୟା ବୃଦ୍ଧି ପାଇଛି କିନ୍ତୁ ଯଦି ସେହି ଅନୁଯାୟୀ ପନିପରିବା ର ଯଥେଷ୍ଟ ଉତ୍ପାଦନ ନ ହୁଏ ତେବେ ସର୍ବଦା ନିଅଣ୍ଟିଆ ହୋଇ ରହିବ ଓ ଯେହେତୁ ବଜାରକୁ କମ୍ ଯୋଗାଣ ହେବ ନିଶ୍ଚିତ ଭାବରେ ତାର ଦର ଆକାଶ ଛୁଆଁ ହେବ । ଯଦିଓ ସରକାରୀ ସ୍ତରରେ ପ୍ରତି ବ୍ଲକ ମାନଙ୍କ ପାଇଁ ଓ ଚାଷର ଉନ୍ନତି ପାଇଁ ଅନେକ ଯୋଜନା ଘୋଷଣା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଅଛି ଓ କୃଷି ବିଭାଗ ରେ ମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ଅନେକ ବଡ ବଡ ଅଧିକାରୀ ,କୃଷି ବିଶେଷଜ୍ଞ ଅଛନ୍ତି କିନ୍ତୁ ସବୁ ବେକାର କାରଣ ଚାଷୀ ମାନଙ୍କୁ ଉତ୍ସାହିତ କରାଇ ଚାଷ ପ୍ରତି ଆକର୍ଷିତ କରାଇବାରେ କାହାର ଏତେ ଟିକିଏ ମଧ୍ୟ ଆନ୍ତରିକତା ନାହିଁ ।ଯଦି ଉନ୍ନତ ଧରଣର ପନିପରିବା ଚାଷ ଯେପରି ଆନ୍ଧ୍ର ,କର୍ଣ୍ଣାଟକ ,ମହାରାଷ୍ଟ୍ର , ପଶ୍ଚିମବଙ୍ଗ ରେ ହୋଇ ଆମ ରାଜ୍ୟକୁ ଆମଦାନୀ ହେଉଛି ଠିକ୍ ସେହିପରି ଆମ ରାଜ୍ୟ କୃଷି ବିଭାଗ ବ୍ଲକ୍ ମାନଙ୍କରେ ଉନ୍ନତ ପନିପରିବା ଚାଷ ପାଇଁ ପର୍ଯ୍ୟାପ୍ତ ଭାବରେ ଜଳ ସେଚନ,ଉନ୍ନତ ମାନର ବିହନ ,ଓ ଚାରା,କୀଟ ନାଶକ ର ଯୋଗାଣ ଓ ସବଜି ମଣ୍ଡି ରେ ଉଚିତ୍ ମୂଲ୍ୟରେ ବିକ୍ରି ଉପରେ ଧ୍ୟାନ ଦିଆଯାନ୍ତା ତେବେ ଆମ ରାଜ୍ୟ ଚାଷୀ ମାନେ ରୋଜଗାର କ୍ଷମ ହୋଇ ସ୍ୱାଭାବିକ ଢଙ୍ଗରେ ନିଜ ଗୁଜୁରାଣ ମେଣ୍ଟାଇ ପାରନ୍ତେ ଓ ଅନ୍ୟ ରାଜ୍ୟ କୁ ମଧ୍ୟ ବିକ୍ରି କରି ପାରନ୍ତେ। ଏଥି ପାଇଁ କୃଷି ବିଭାଗ ର ଅଧିକାରୀ ମାନେ ଆମ ରାଜ୍ୟ ରେ ଥିବା କୃଷି ଓ ବୈଷୟିକ ମହାବିଦ୍ୟାଳୟ ରେ ଥିବା କୃଷି ବିଜ୍ଞାନୀ ଗବେଷଣା କରିଥିବା ବୈଜ୍ଞାନିକ ମାନଙ୍କ ସହିତ ପରାମର୍ଶ ଅନୁସାରେ ବା ଚାଷୀ ମାନଙ୍କୁ ସମୟ ସମୟରେ ବିଭିନ୍ନ ପ୍ରକାରର ଆଲେଚ଼ନା ,ପ୍ରଦର୍ଶନୀ ,ଦ୍ୱାରା ଚାଷୀ ମାନଙ୍କୁ ଉତ୍ସାହିତ ଚାଷ ପାଇଁ ଆକର୍ଷିତ କରାଯିବା ଆବଶ୍ୟକ ।ଭୁବନେଶ୍ୱର ତଥା ଆମ ରାଜ୍ୟର ପ୍ରାୟ ପ୍ରତି ଅଞ୍ଚଳ ରେ ସଜନା ,କଦଳୀ ,ଓ ଅମୃତଭଣ୍ଡା ଭଳି ପରିବା ବର୍ଷ ସାରା ହୋଇ ପାରିବ ଏଥି ପାଇଁ ଯଦି ଉନ୍ନତ କିସମ ର ଚାରା ବା ମଞ୍ଜି ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆ ଯାଇ ପାରନ୍ତା ତେବେ ଏହାର ଉତ୍ପାଦନ ଅନେକ ବଢ଼ି ଯାଆନ୍ତା ।ସମୟ ସମୟରେ ଅବସ୍ଥା ଏପରି ହେଉଛି ଯେ ଅମୃତଭଣ୍ଡା କିଲୋ ପ୍ରତି ୫୦ ରୁ ୬୦ ଟଙ୍କା,ସଜନା କିଲୋ ୨୦୦ ରୁ ୩୦୦ ଟଙ୍କା ଓ କଞ୍ଚା କଦଳୀ ଗୋଟାକୁ ୨୦ ରୁ ୨୫ ଟଙ୍କା, ପାଚିଲା କଦଳୀ ପ୍ରାୟ ସବୁ ଆନ୍ଧ୍ର ପ୍ରଦେଶ ରୁ ଆସି ଆମ ରାଜ୍ୟରେ ଡଜନ ବା କିଲୋ ପିଛା ୮୦ ରୁ ୧୦୦ ବା ୧୨୦ ଟଙ୍କା ଯାଏ ବିକ୍ରି ହେଉଛି । ଯେହେତୁ ଏସବୁ ର ଓଡ଼ିଶାରେ ଉତ୍ପାଦନ ବହୁତ୍ କମ୍ । ଏବେ ସାରା ଦେଶ ଓ ବିଦେଶରେ ସଜନା ଗଛର ପତ୍ର ଥିବା ଔଷଧୀୟ ଗୁଣ କୁ ଜାଣିବା ପରେ ଏହାର ଚାହିଦା ଅନେକ ବୃଦ୍ଧି ପାଇ ବାହାର ରାଜ୍ୟ ରେ ଚାଷୀ ମାନେ ଏହାକୁ ଏକ ମୁଖ୍ୟ ଚାଷ ଭାବରେ ଧରି ନେଇ ଏହାର ପତ୍ର ମଧ୍ୟ ବିଦେଶ କୁ ରପ୍ତାନି କରୁଛନ୍ତି ।ସେହିପରି କଦଳୀ କଞ୍ଚା ଓ ପାଚିଲା ଖାଇବା ପରେ ତାର ଚୋପା ରୁ , କଦଳୀ ନେବା ପରେ ତାର ଗଛ ରୁ ଭୋଜି ଆଦି ରେ ଖାଇବା ପାଇଁ ଥାଳି , ଗିନା, ବ୍ୟାଗ୍ ଆଦି ଅନେକ ଜିନିଷ ଏବଂ ଗଛ ପାଇଁ ଉତ୍କୃଷ୍ଟ ଖତ ମଧ୍ୟ ମିଳିପାରୁଛି । ସେହିପରି ଅମୃତଭଣ୍ଡା ର ମଧ୍ୟ ଅନେକ ଔଷଧୀୟ ଗୁଣ ଅଛି। ଏହାଛଡା ଆମ ରାଜ୍ୟର ଜାଗାରେ ଋତୁ ଅନୁସାରେ ମଧ୍ୟ ଅନେକ ପନିପରିବା ଚାଷ କରାଯାଏ ଯେହେତୁ ଚାଷୀ ମାନେ ଉତ୍କୃଷ୍ଟ ଜ୍ଞାନ କୌଶଳ ର ଅଭାବ ରହିଛି ଓ ନିଜର ଉତ୍ପାଦ ଗୁଡ଼ିକୁ ଯଦି ବଳକା ହେଲା ତେବେ ଶୀତଳ ଭଣ୍ଡାର ର ଘୋର ଅଭାବ ଯୋଗୁଁ ବାଧ୍ୟ ହୋଇ ଅତି ଶସ୍ତାରେ ବିକି ହଇରାଣ ଭୋଗ କରନ୍ତି । ଶୀତଳ ଭଣ୍ଡାର ଓ ଅନେକ ଜାଗାରେ ଜଳ ସେଚ଼ନ ପାଇଁ ଛୋଟ ଛୋଟ ଚେକ୍ ଡ୍ୟାମ୍ କରିବା ନିହାତି ଆବଶ୍ୟକ। ପରିବା ବିକ୍ରୟ ପାଇଁ ଯଦି ସବୁ ସ୍ଥାନରେ ସ୍ୱତନ୍ତ୍ର ସ୍ଥାନ ସ୍ଥାପନ କରାଯାଏ ତେବେ ଚାଷୀ ଓ ଖାଉଟି ଉଭୟ ଉପକୃତ ହେବେ। ସରକାରୀ ସ୍ତରରେ କୃଷି ମନ୍ତ୍ରୀ ନିଜେ କୃଷି ବିଭାଗ ସେକ୍‌ରେଟାରୀ ,ନିର୍ଦ୍ଦେଶକ ,ଉଦ୍ୟାନ ବିଭାଗ ସେକ୍‌ରେଟାରୀ ଓ ବରିଷ୍ଠ ଅଧିକାରୀ ମାନଙ୍କୁ ଚାଷୀ ମାନଙ୍କ ପାଖକୁ ଯାଇ ସେମାନଙ୍କ ସହିତ ଆପୋଷ ମିଳାମିଶା କରି ଚାଷୀ ମାନଙ୍କୁ ଉତ୍ସାହିତ କରାଇବା ପାଇଁ ନିର୍ଦ୍ଦେଶ ଦେଇ ତାହା ପ୍ରତ୍ୟକ୍ଷ ଭାବେ ତଦାରଖ କରିବା ଉଚ଼ିତ୍ । ଓ ଏହାର ଖିଲାପ କାରି ଙ୍କୁ ଦଣ୍ଡାଦେଶ କରାଇବା ଉଚ଼ିତ୍ । ଏପରି କରାଗଲେ ଭୁବନେଶ୍ୱର ତଥା ଆମ ରାଜ୍ୟର ବଡ ବଡ଼ ସହରରେ ଯେଉଁ ପନିପରିବା ର ଦର ବୃଦ୍ଧି ଅନେକ ପରିମାଣ ରେ ହୋଇଛି ତାହା ଅନେକାଂଶ ରେ ଲାଘବ ହୋଇ ପାରିବ ଓ ଆମେ ମଧ୍ୟ ଅନ୍ୟ ରାଜ୍ୟ କୁ ପଠାଇ ପାରିବା । ଏଥିପାଇଁ କିନ୍ତୁ ମାନ୍ୟବର କୃଷି ମନ୍ତ୍ରୀ ,ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ହେବ ଯାହା କି ଆମ ରାଜ୍ୟ ପାଇଁ ଗୌରବ ଆଣି ଦେବ । କଞ୍ଚା ପରିବା ସହିତ ଆମ ରାଜ୍ୟ ମଧ୍ୟ ଆଳୁ ,ପିଆଜ , ଅଦା,ରସୁଣ ,ପ୍ରଭୃତି କିଛି କମ୍ ପରିମାଣ ରେ ଚାଷ କରାଯାଉ ନାହିଁ କିନ୍ତୁ ଯେହେତୁ ଏହାର ଯଥେଷ୍ଟ ଭାବରେ ଷ୍ଟୋରେଜ ବ୍ୟବସ୍ଥା ନାହିଁ ତେଣୁ ପାଖ ରାଜ୍ୟ ରୁ ବେପାରୀ ମାନେ ଆସି ଅତି ମାମୁଲି ଦର ରେ କିଣି ନେଇ ଚାଷୀ ମାନଙ୍କୁ ହିନିସ୍ତା ରେ ପକାଉଛନ୍ତି ଏସବୁ ପ୍ରତି ଆମ ରାଜ୍ୟ ସରକାର ଯଦି ଉତ୍ତମ ଭାବରେ ଧ୍ୟାନ ଦେବେ ତେବେ ଚାଷୀ ,ଚାଷ ଓ ଖାଉଟି ର ତଥା ରାଜ୍ୟ ର ଅନେକ ଉନ୍ନତି ହୁଅନ୍ତା।

ଅବସରପ୍ରାପ୍ତ ଡାଇରେକ୍ଟର
ଓଡ଼ିଶା କୃଷି ବିଶ୍ୱ ବିଦ୍ୟାଳୟ
ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର
ମୋ : ୯୪୩୭୧୮୫୬୦୭

# ବିଷମିଶା ରଙ୍ଗୀନ ଖାଦ୍ୟର ମାୟାଜାଲ

**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**

ବର୍ଷା ଦିନ ଆସିଲାଣି, ଲଗାଣ ବର୍ଷା ଭିତରେ ଗରମ କୋବି ମାଚ୍ୟୁରିଆନ, ରଙ୍ଗୀନ ମିଠା ଆଉ ପିଲାଙ୍କ କଟନକ୍ୟାଣ୍ଡି ଆଉ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ ବରଫ ଗୋଲା ହେଉ ବା ରଙ୍ଗୀନ ଚୁସକି। ଏହାସବୁ ନିଶ୍ଚିନ୍ତ ଲୋଭନୀୟ, ଆକର୍ଷଣୀୟ ଓ ପାଗ ଦେଖା ପାଟି ଟକଳା ଜିନିଷ। ଗୋଟିଏ କଥା ଛୋଟିଆ ଭାବେ ଚିନ୍ତା କରନ୍ତୁ ଆଉ ମନେପକାନ୍ତୁ। ଆମ୍ଭେମାନେ ପ୍ରଥମେ ଆଖିରେ ଖାଇଥାଉ ପରେ ଏହା ପାଟିକୁ ଯାଇଥାଏ। ଅର୍ଥ ଖାଦ୍ୟଟି ରୁଚିକର, ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ କି ନହୋଇଥାଏ ଏହା ତ ପରର କଥା କିନ୍ତୁ ଦେଖିବାକୁ ଆକର୍ଷଣୀୟ ହୋଇଥିଲେ ନଜର ଛାଁ ଟାଣିହୋଇଯାଏ। ଆପଣ ବଜାରରେ ବୁଲିଲା ବେଳେ ଲକ୍ଷ୍ୟ ରଖିଥିବେ ଚିକିମିକିଆ ଆଲୁଅ ତଳେ ଭେଳିକି ଭେଳି ସଜା ହୋଇ ଯେଉଁ ଖାଇବା ଜିନିଷ ଗୁଡ଼ିକ ଥାଏ ତାହା କେବଳ ପିଲାମାନଙ୍କୁ ନୁହେଁ ଆମ ମାନଙ୍କ ପରି ବଡ଼ ଲୋକଙ୍କ ଆଖିରୁ ନଜର ଖସାଇ ପାରିନଥାଏ ଏବଂ ସ୍ୱତଃ ଆମେ ଦୋକାନ ପାଖକୁ ଚାଲିଯାଇଥାଉ। ଆମ ନିତିଦିନିଆ ଖାଦ୍ୟ ତାଲିକାରେ ଲାଲ ଲାଲ ଚିକେନ ତରକାରୀ ହେଉ ବା ବିଭିନ୍ନ ରଙ୍ଗର ଜିଲାପି, କେକ ହେଉ ବା ଚିକେନ କବାବ୍ ଦେଖିବାକୁତ ଅତ୍ୟନ୍ତ ଆକର୍ଷଣୀୟ। ଏହା ପାଟିକୁ ବେଶ ବଢ଼ିଆ ତୃପ୍ତିର ମଜା ଦେଇଥାଏ। କିନ୍ତୁ ଏହି ଭେଳିକି ଖାଦ୍ୟ ସବୁ ରଙ୍ଗୀନ କରିବା ପଛରେ ଯେଉଁ ଆର୍ଟିଫିସିଆଲ ଫୁଡ଼ କଲର ଯାହାକୁ କୃତ୍ରିମ ଖାଦ୍ୟରଙ୍ଗ କୁହାଯାଏ ସେ ସବୁ ରାସାୟନିକ ଫୁଡ଼ କଲର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଘାତକ, ବିପଦଜ୍ଜନକ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବିଗାଡ଼ି ଦେବା ପାଇଁ ଯଥେଷ୍ଟ ମଧ୍ୟ।

ଆସନ୍ତୁ ପ୍ରଥମେ ଆଗେ ପିଲାଙ୍କ ଖାଦ୍ୟରୁ ଆରମ୍ଭ କରିବା। ପିଲାମାନଙ୍କର ସବୁଠାରୁ ଲୋଭନୀୟ ହେଉଛି କଟନ କ୍ୟାଣ୍ଡି। କେହି କେହି ଏହାକୁ ବୁଢ଼ିୟା କି ବାଲ, କେହି କେହି ବମ୍ବେ ଲଡ୍ଡୁ, କେହି କେହି ବିଭିନ୍ନ ସ୍ଥାନୀୟ ନାମରେ ନାମିତ କରିଥାନ୍ତି। ଗାଁର ମେଳା ହେଉ ବା ଦୋଳଯାତ ବା ହାଟ ବଜାର ଫେରିବାଲାମାନେ ଗୋଲାପୀ ରଙ୍ଗର କଟନ କ୍ୟାଣ୍ଡି ବେଶ ହିନ୍ଦୀ ଗୀତର ସୁରିଲା ସ୍ୱରରେ ଡାକ ଦେଇ ବିକୁ ଥାନ୍ତି। କିନ୍ତୁ ଏସବୁ ଭିତରେ ଥିବା ବିଷାକ୍ତ ରଙ୍ଗ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଘାତକ। ଅନୁସନ୍ଧାନରୁ ଜଣାପଡ଼ିଛି ପିଲାଙ୍କ ଏହି ପ୍ରିୟ କଟନ କ୍ୟାଣ୍ଡିରେ ରୋଡ଼ାମାଇନ-ବିର ଏକ ବିଷାକ୍ତ ତତ୍ତ୍ୱ ରହିଛି। ଏହା ବିକ୍ରି ଉପରେ ତାମିଲନାଡୁ ଓ ପଣ୍ଡିଚେରୀ ସରକାର ନିଷେଦ୍ଧାଦେଶ ଜାରି କରିଛନ୍ତି। କଟନ କ୍ୟାଣ୍ଡିରେ ବ୍ୟବହାର ହେଉଥିବା ରୋଡ଼ାମାଇନ-ବି ଯାହାକି ଗୋଲାପୀ ରଙ୍ଗକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ ଏହା ଶୀଘ୍ର ପାଣି ମିଳେଇ ଯାଏ ଏବଂ ଅତ୍ୟନ୍ତ ଶସ୍ତାମାନର। ଏହା ବିଶେଷକରି ଚମଡ଼ାଶିଳ୍ପ, କାଗଜ ଓ କପଡ଼ା ଶିଳ୍ପରେ ବ୍ୟବହାର ହୁଏ। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଏହାକୁ ଖାଦ୍ୟ ପଦାର୍ଥରେ ମିଶାଇବା ଉପରେ କଟକଣା ଲଗାଇଛନ୍ତି। ଏହାକୁ ଖାଦ୍ୟରେ ବ୍ୟବହାର କରିବା ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ଼ ଆକ୍ଟ-୨୦୦୬ ଅନୁସାରେ ଅପରାଧ।

ଆମ୍ଭମାନଙ୍କର ଘରେ ବିଶେଷକରି ବର୍ଷାଳିଆ, ଥଣ୍ଡାଳିଆ ପାଗ ବା ଘରକୁ ଅତିଥି ଚର୍ଚ୍ଚା କ୍ଷେତ୍ରରେ କୋବି ମାନଚ୍ୟୁରିଆନକୁ ଭାରି ପସନ୍ଦ କରିଥାଉ। ଏହା ଏକ ଇଣ୍ଡିଆନ ଓ ଚାଇନିଜ ଫ୍ୟୁଜନ ଡିସ୍। କର୍ଣ୍ଣେଫ୍ଲୋର, ମଇଦା, ବନ୍ଧାକୋବି ସସ୍‌କୁ ମିଶାଇ ଏହି ଚମତ୍କାର ପାଟି ଟକଳା ଖାଦ୍ୟରେ କ୍ରିସ୍ପି ଓ ସସର ଉପାଦାନ ରହୁଥିବାରୁ ଏହା ଆମ ଖାଦ୍ୟ ଟେବୁଲରେ ବଡ଼ ଜାଗାଟିଏ ନେଇଥାଏ। ରାସ୍ତାକଡ଼ର ଠେଲା ଗାଡ଼ିରୁ ବଡ଼ ବଡ଼ ରେଷ୍ଟୋରାଁରେ ଏହାର ଭାରି ଚାହିଦା। ନୁଡୁଲ୍ସ ଓ ଫ୍ରାଏଡ଼ରାଇସ ସହିତ ମେନୁ ତାଲିକାରେ ଏହା ଥାଏ। କିନ୍ତୁ ଏହି ମାନଚ୍ୟୁରିଆନକୁ ରଙ୍ଗ କରିବା ପାଇଁ ଯେଉଁ ଫୁଡ କଲର ରହିଛି ଏଥିରେ ବି ରୋଡ଼ାମାଇନ-ବି ଓ କାର୍ମୋଇସିନ ପରି ରାସାୟନିକ ରଙ୍ଗ ଥିବାରୁ ଏହା କର୍କଟ ରୋଗର ବଡ଼ କାରକ। ଏହି ବିକ୍ରି ଉପରେ ନିକଟରେ କର୍ଣ୍ଣାଟକ ଓ ଗୋଆ ସରକାର ମଧ୍ୟ ନିଷେଦ୍ଧାଦେଶ ରଖିଛନ୍ତି। ଏଥିରେ କ୍ୟାଲୋରି, ସୋଡ଼ିୟମ ଓ ଫ୍ୟାଟର ମାତ୍ରା ଅଧିକ ଥିବାରୁ ଏହା ଲିଭର, ମୋଟାପଣ ଓ ଉଚ୍ଚରକ୍ତଚାପର କାରକ ପାଲଟିଥାଏ। ଏହା ପୂର୍ବରୁ ଆମେ ଚୁସକି କଥା ଉଲ୍ଲେଖ କରିଥିଲେ। ଲାଲ, ନୀଳ, ସବୁଜ, ହଳଦୀ ରଙ୍ଗର ବରଫ ଗୋଲା ମଧ୍ୟ ବେଶ ଖାଇବାକୁ ଭଲ ଲାଗେ। ରଙ୍ଗୀନ ବରଫ ଗୋଲାକୁ ଚୁସି ଚୁସି ଖିଆଯାଉଥିବାରୁ ଏହାର ନାମ ଚୁସକି। ତେବେ ଏହି ବରଫ ଗୋଲା ପ୍ରଥମତଃ ଅଧିକାଂଶ ଭାବେ ଦୂଷିତ ପାଣି ଓ ବିଷାକ୍ତ ମାନର ରଙ୍ଗୀନ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଝାଡ଼ା, ବାନ୍ତି, ତ୍ୱଚା ଆଲର୍ଜି ସହ ଦାନ୍ତ ପ୍ରତି ମଧ୍ୟ କ୍ଷତି ପହଞ୍ଚାଇଥାଏ। ଏହା ଦାନ୍ତରେ କ୍ୟାଭିଟ ମାତ୍ରାକୁ ବଢ଼ାଇଥାଏ ଏବଂ ଶରୀରର ଇମ୍ୟୁନିଟିକୁ ବ୍ୟବହାର କରିଥାଏ।

ସେହିପରି ମିଠା କଥା ଉଠିଲାମାତ୍ରେ ଅନେକଙ୍କ ପାଟିରୁ ଲାଳ ବୋହିଆସେ। ଆମ ମାନଙ୍କ ଖାଦ୍ୟ ତାଲିକାରେ ବା ଅତିଥି ଚର୍ଚ୍ଚା ହେଉ ବା ଉପହାର ନେବା ସମୟରେ ମିଠାକୁ ଗୁରୁତ୍ୱ ଦେଇଥାଉ। ଏହି ମିଠାରେ ଯେଉଁ ରଙ୍ଗ ମିଶ୍ରିତ ହୋଇଥାଏ ସେଗୁଡ଼ିକ ଭିତରେ ହଳଦିଆ ରଙ୍ଗ ପାଇଁ ମେଟାନିଲ ୟେଲୋ ରଙ୍ଗ, ସବୁଜ ରଙ୍ଗ ପାଇଁ ମ୍ୟାଲାକାଇନ ଗ୍ରୀନ, ଲାଲ ରଙ୍ଗ ପାଇଁ ସୁଡ଼ାନାଇଟର ରାସାୟନିକ ମାତ୍ରା ବ୍ୟବହାର କରାଯାଏ। ଏହି ସିନ୍ଥେଟିକ ଫୁଡ଼ କଲର ମିଠାକୁ ଆକର୍ଷଣୀୟ ଓ ରଙ୍ଗୀନ କରୁଥିଲେ ବି ସ୍ୱାସ୍ଥ୍ୟ ପାଇଁ ସ୍ଲୋ ପଏଜନ। ଏହା ପେଟ ସଂକ୍ରମଣ ସହ ଲିଭର ଓ କିଡ଼ନୀକୁ ଖରାପ କରିଦିଏ। ଆମେ ବିଷାକ୍ତ ଖାଦ୍ୟ ପ୍ରସଙ୍ଗରେ ଆଲୋଚନା କରୁଥିବାବେଳେ ଆସନ୍ତୁ କିଛି ମାରାତ୍ମକ ଅଥଚ ଆମ ଅଜାଣତରେ ବିଷ ଭରୁଥିବା ଫୁଡ କଲର ସମ୍ପର୍କରେ ଜାଣିବା। ସର୍ବପ୍ରଥମେ ରୋଡ଼ାମାଇନ-ବି ବିଷୟରେ ଜାଣନ୍ତୁ। ଏହାର ମୂଲ୍ୟ ଅତ୍ୟନ୍ତ ଶସ୍ତା ହୋଇଥିବାରୁ ଚମଡ଼ା, କାଗଜ ଓ ପ୍ରସାଧନ, ବସ୍ତ୍ର ଶିଳ୍ପରେ ରଙ୍ଗ ଭାବେ ବ୍ୟବହାର ନିମିତ୍ତ କେବଳ ଅନୁମତି ରହିଛି। ଖାଦ୍ୟ ବ୍ୟବସ୍ଥାରେ ଏହାକୁ ବ୍ୟବହାର ପାଇଁ ନିଷେଧାଦେଶ ରହିଥିଲେ ମଧ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଓ ଦୋକାନୀ ଏହାକୁ ବ୍ୟବହାର କରି ଆପଣଙ୍କ ଶରୀରରେ ଲିଭର ଓ କ୍ୟାନସର ରୋଗର କାରକ ସାଜିଥାନ୍ତି। ସେହିପରି ମେଡ଼ିସିନ ଓ କସମେଟିକ ଶିଳ୍ପ ପାଇଁ ଅନୁମତି ଥିବା ସନସେଟ ୟେଲୋକୁ ଖାଦ୍ୟ ପ୍ରସ୍ତୁତିରେ ମିଶାଯାଉଥିବାରୁ ଏହା ଆଜମା ଓ ସ୍କିନ ଆଲର୍ଜି ପାଇଁ ଦାୟୀ। ସେହିପରି କାର୍ମୋଇସିନ ଫୁଡ଼ କଲର ଦେଖିବାକୁ ପୁରାପୁରି ଲାଲ ରଙ୍ଗ। ଯାହାକୁ ଆଇଏଆରସି କ୍ୟାଟାଗୋରୀ ଥ୍ରି କାର୍ସିନୋଜୋନରେ ଶ୍ରେଣୀଭୁକ୍ତ କରିଛି। କିନ୍ତୁ ଏହା ଅନୁମତି ନଥାଇ ମଧ୍ୟ ଖାଦ୍ୟ ପ୍ରସ୍ତୁତିରେ ମିଶୁଥିବାରୁ ଏହା ଲିଭର, କିଡ଼ନୀ, ସ୍କିନ ଓ ଶ୍ୱାସଜନିତ ସମସ୍ୟାର କାରଣ ପାଲଟିଥାଏ। ଖାଦ୍ୟ, ମିଠାକୁ ହଳଦିଆ ରଙ୍ଗ ପାଇଁ ବେଶ ଆକର୍ଷଣୀୟ କରୁଥିବା ସିନ୍ଥେଟିକ ଫୁଡ କଲର ଟାର୍ଟାଜିନ୍ ବାସ୍ତବରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅନୁମୋଦିତ ନୁହଁ। କିନ୍ତୁ ଏହି କେମିକାଲ ଖାଦ୍ୟରେ ମିଶୁଥିବାରୁ ଏହା ଶରୀରର ହରମୋନ, ଥାଏରଡ଼ ଗ୍ରନ୍ଥି, ଆନଜିଓଡ଼ିମା, ଏକଜିମା, ବ୍ରୋଙ୍କାଇଟିସ ଓ ମୁଣ୍ଡବିନ୍ଧାର କାରଣ ହୋଇଥାଏ। ତେବେ ସବୁଠାରୁ ଜୀବନ ଘାତକ ହୋଇଥାଏ ଡ୍ରାଏ ଆଇସ୍। ବଜାରରେ ଏବେ ଏକ ଖାଦ୍ୟ ବା ମୃଦୁ ପାନୀୟ ଯାହା ଭିତରୁ ଏକ ଧଳା ଧୂଆଁ ଉଠିଥାଏ। କେବଳ ପିଲାମାନଙ୍କୁ ନୁହେଁ ବଡ଼ ଲୋକମାନଙ୍କୁ ମଧ୍ୟ ଏହା ଅତ୍ୟନ୍ତ ଆକର୍ଷିତ କରିଥାଏ। ତେବେ ଏହି ଡ୍ରାଏ ଆଇସ ବା ଶୁଖିଲା ବରଫ ହେଉଛି ବାସ୍ତବରେ କାର୍ବନ ଡାଇଅକ୍ସାଇଡ଼ର ଏକ ଭିନ୍ନ ରୂପ ଯାହା କଠିନ ସ୍ତରରେ ଥାଏ। ବିଯୁକ୍ତ ୮୦ଡିଗ୍ରୀ ତାପମାତ୍ରାରେ ଥିବା ଏହି ଡ୍ରାଏ ଆଇସ ସାଧାରଣ ବରଫ ତୁଳନାରେ ପାଖାପାଖି ୪୦ଗୁଣ ଅଧିକ ଥଣ୍ଡା। ବରଫ ପାଟିକୁ ଗଲେ ତରଳି ଯାଇଥାଏ କିନ୍ତୁ ଏହା ତରଳିଲେ ସିଧା କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ ନିର୍ଗତ କରୁଥିବାରୁ ଧୂଆଁ ଭାବେ ବାହାରକୁ ଦିଶେ କିନ୍ତୁ ବାସ୍ତବ କଥା ହେଉଛି ଫଟୋସୁଟ, ଥିଏଟର ଓ ମେଡ଼ିକାଲ ଜିନିଷ ସଂରକ୍ଷିତ ରଖିବା ପାଇଁ ଏହି ରାସାୟନିକ ପଦାର୍ଥଟି ଜଣେ ଯଦି ହାତରେ ସ୍ପର୍ଶ କରିବ ଏହା ହାତକୁ ଜଳାଇ ଦେବାର କ୍ଷମତା ରଖିଛି। ଏହା ଫୁସଫୁସ ପାଇଁ କ୍ଷତିକାରକ ଓ ପେଟ ଯନ୍ତ୍ରଣା, ବାନ୍ତି ସହ ଏହି ଧୂଆଁ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରି ସ୍ୱାସ୍ଥ୍ୟକୁ ଖୁବ କମ ସମୟ ଭିତରେ ବିଗାଡ଼ି ଦେବାର କ୍ଷମତା ରଖିଛି।

ନିକଟରେ ବିଦେଶରେ ଭାରତୀୟ ମସଲାକୁ ନେଇ ବିବାଦ ଜୋର ଧରିଛି। ଭାରତର କେତୋଟି ପ୍ରମୁଖ କମ୍ପାନୀର ମସଲାରେ ଏଥିଲିନି ଅକ୍ସାଇଡ଼ ନାମକ ରାସାୟନିକ ପଦାର୍ଥ ମିଶିଥିବା ଅଭିଯୋଗ ପରେ ଏ ନେଇ ସରକାରୀ ସ୍ତରରେ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଯାଇଛି। ଏପରି ଅନେକ ରଙ୍ଗୀନ ଖାଇବାର ବିଷଜାଲ ଯାହାକୁ ଆମେ ସଚେତନ ହୋଇ ମଧ୍ୟ ଜାଣିକି ବି ବ୍ୟବହାର କରୁଛେ ଓ ନିଶ୍ଚିନ୍ତ ସ୍ୱାସ୍ଥ୍ୟ ବିଗାଡ଼ିବା ବ୍ୟବସ୍ଥାକୁ ନିମନ୍ତ୍ରଣ କରୁଛେ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ମୂଲ୍ୟବାନ ସ୍ୱାସ୍ଥ୍ୟକୁ ବିଗାଡ଼ିବା ପାଇଁ ଏହିପରି କିଛି ପାଟି ଲାଳସା ରଙ୍ଗୀନ ଖାଦ୍ୟର ମାୟାଜାଲରେ ନ ପଡ଼ି ନୀରୋଗ ସ୍ୱାସ୍ଥ୍ୟ ନିର୍ବାହ କରିବା ପାଇଁ ସର୍ବଦା ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ସବୁଜ ପନିପରିବା, ତଟକା ଫଳ, ବିଶୁଦ୍ଧ ଜଳ ଏସବୁ ଗ୍ରହଣ କରନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ନୀରୋଗ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ।

*କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,*
*ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*




# ବିପନ୍ନ ସ୍ୱପ୍ନ


ସୁଦର୍ଶନ ମହାପାତ୍ର

ସାନପୁଅ ଗାଲରେ ଥାପଡଟିଏ କଷିଦେଲେ ବିକ୍ରମ ବାବୁ।

-' ଚୋପ୍ ବେ ନନସେନ୍ସ। ମୁହଁ ଉପରେ ଜବାବ ଦେଉଛୁ ? ଇଂଜିନିୟର ହେବୁ ନାହିଁ ତ କ'ଣ ବି.ଏସ୍.ସି ପଢି ମାଷ୍ଟର ହେବୁ ?ନା ଗାଆଁ କୁ ଯାଇ ଚାଷ କରିବୁ ... ?'

ବିକ୍ରମ ବାବୁଙ୍କ ଚାପୁଡ଼ା ଶବ୍ଦ ଏବଂ ଗର୍ଜନରେ ଧାଇଁ ଆସିଲେ ସୁମିତ୍ରା। ପୁଅକୁ ପଛକୁ କରି ସତେକି ମୁକାବିଲା କରିବା ପୋଜିସନରେ ସ୍ୱାମୀଙ୍କ ସାମ୍ନାରେ ଠିଆ ହୋଇ ପଡିଲେ।

-' ତୁମର କ'ଣ ବୁଦ୍ଧି ବୃତ୍ତି ନଷ୍ଟ ହୋଇଗଲାଣି କି ? ତୁମକୁ ଏକା ରାଗି ଆସେ ।ଧମକ ଦେଇଆସେ ।ବି.ପି. ଯାଇ ଆଗ ଚେକ୍ କରି ଆସ। ତୁମେ ତ କାହାରି କଥା କେବେ ବୁଝିବାକୁ ଚେଷ୍ଟା କରିବନି ।ନିଜେ ଯାହା ବୁଝିଥିବ ସେୟା..!'

ମାଆ ର ପାଲଟା ଜବାବରେ ମୁନା ତଟସ୍ଥ ହୋଇ ଚାହିଁଥିଲା କେବଳ। ପରକ୍ଷଣରେ ସେ ବାହାରି ଗଲା ସେଇଠୁ।

-' ଏତେ ବଡ଼ ପୁଅ ଉପରେ ତୁମେ ହାତ ଉଠେଇଲ ? ତାକୁ ଆଉଥରେ ଭଲଭାବରେ ବୁଝାଇବାକୁ ଧୈର୍ଯ୍ୟ ଧରି ପାରିଲ ନାହିଁ ? ସେ କେବେ ତୁମ କଥାରୁ କୌଣସି ଦିନ ବାହାରି ଯାଇଛି ? ତୁମ ବଡ଼ପୁଅ ତ ଇଂଜିନିୟର ପାଠ ପଢ଼ି ଚାକିରୀ କଲାଣି, ସାନ ଯଦି ନଚାହୁଁଛି, ତା' ବାଟରେ ତାକୁ ଛାଡ଼ିଦିଅ।'ଏଥର ଅପେକ୍ଷାକୃତ ନରମ ସ୍ୱରରେ ସ୍ୱାମୀଙ୍କୁ ବୁଝେଇବାକୁ ଚେଷ୍ଟା କରୁଥିଲେ ସୁମିତ୍ରା ।

ଦିନସାରା କେଉଁଆଡେ ବୁଲି ବୁଲି ରାତି ଆଠଟା ବେଳକୁ ଘରକୁ ଫେରିଲା ନିର୍ମଳ ।ମମତାମୟୀ ମା ଆତୁର ହୋଇ ଗୈଡି ଆସିଲେ ପୁଅ ପାଖକୁ। ଆଖିରେ ଅବାରିତ ଲୁହ।

-' ନିଜ ଜିଦ୍, ନିଜ ଇଚ୍ଛା ପୂରଣ କରିବା ପାଇଁ ତୋ ସ୍ୱାଭିମାନୀ ବାପା ତୋ କଥା ଶୁଣିବା ଅବସ୍ଥାରେ ନାହାନ୍ତି ।ତୁ ତାଙ୍କ କଥା ମାନିବା ଦରକାର ନାହିଁ। ତୋ ଭବିଷ୍ୟତ କୁ ଚାହିଁ, ଯେଉଁଟା ତୋ ପାଇଁ ଭଲ ହେବ ବୁଝି ବିଚାରି ପଢ଼ ।ବଳେ ତୋ ପଢିବା ପାଇଁ ସେ ପଇସା ଦେବେ।'

ହେଲେ ପିତୃତ୍ୱର ଗାରିମାରେ ପାହାଡ ଭଳି ଦମ୍ଭର ସହ ଠିଆ ସେମିତି ଠିଆ ହୋଇ ରହିଥିଲେ ବିକ୍ରମ ବାବୁ। ରାତି ପାହି ସକାଳ ହେଲା। ବିକ୍ରମ ବାବୁଙ୍କ ଛଡା ସମସ୍ତେ ସାବଲୀଳ ହୋଇ ସାରିଥିଲେ।

ବିକ୍ରମ ବାବୁ ଅଫିସ ବାହାରିବା ବେଳକୁ ନିର୍ମଳ ଆସି ମୁହଁ ତଳକୁ କରି ସାମ୍ନାରେ ଠିଆ ହେଲା।

-' ଇଞ୍ଜିନିୟରିଂ ରେ ଫର୍ମ ପକେଇବାକୁ ମୋତେ ଟଙ୍କା ଦିଅ। କାଲି ଲାଷ୍ଟ ଡେଟ୍।'

କିଂକର୍ତ୍ତବ୍ୟବିମୁଢ ହୋଇ ଠିଆ ହୋଇଥିଲେ ବିକ୍ରମ ବାବୁ।

-' ଆଉ କୌଣସି ଦିନ କୌଣସି କଥାରେ ଆପଣଙ୍କ ବିରୁଦ୍ଧରେ ଯିବି ନାହିଁ। ଏଇ ଥରକ ମୋତେ କ୍ଷମା କରିଦିଅ।' ବିକଳ ସ୍ୱରରେ କହିଲା ନିର୍ମଳ।

ପୁଅ ହାତକୁ ଆବଶ୍ୟକୀୟ ଟଙ୍କା ବଢେଇଦେଲେ ବିକ୍ରମ ବାବୁ।

-' ଆଉ ଦରକାର ହେବ ?' ପଚାରିଲେ ଗମ୍ଭୀର କଣ୍ଠରେ।

-' ନା...!'

ମୁହଁ ବୁଲେଇ ଚାଲିଗଲା ବାଧ୍ୟ ସନ୍ତାନ ନିର୍ମଳ।

ସେଇଦିନ ସନ୍ଧ୍ୟାକୁ ଅନାହୂତ ଖବର ପାଇ ଅନୁଶୋଚନାରେ ମ୍ରିୟମାଣ ହୋଇପଡିଲେ ବିକ୍ରମ ବାବୁ। ଏକାଥରକେ ଦୁଇଟି ଦୁଃସମ୍ବାଦ। ବଡ଼ପୁଅ ନୀରଜ ନିଜ ପସନ୍ଦର ଝିଅକୁ ବାହା ହୋଇ ସାରିଛି ଏବଂ ଭାରତ ଛାଡି ଷ୍ଟେଟସ୍ ଯିବ ବୋଲି ସ୍ଥିର କରିସାରିଛି।

ପିତୃତ୍ୱର ସ୍ୱାଭିମାନକୁ କୁଠାରାଘାତ କରିଥିଲା ସନ୍ତାନର ସିଦ୍ଧାନ୍ତ। ଦୁଃଖ ଓ ଗ୍ଲାନିରେ ମର୍ମାହତ ହୋଇ ପଡୁଥିଲେ ବିକ୍ରମ ବାବୁ। ରାତିସାରା ଉଜାଗର। ଶୋଇବାର ଉପକ୍ରମରେ ନିଦ ଆସୁ ନଥିଲା। ନିଦ ଆସିଲେ ଶୋଇ ହେଉନଥିଲା ।ସୁମିତ୍ରା ସବୁ ବୁଝି ପାରୁଥିଲେ। ଭିତରେ ଭିତରେ ସନ୍ତାପିତ କପୋତୀଟି ପରି ଗୁମୁରୁଥିଲେ।

ଯେମିତି ସେମିତି ରାତି ପାହିଲା। ନିର୍ମଳ ଶୋଇବା ଘରେ ପହଞ୍ଚିଲେ ବିକ୍ରମ ବାବୁ ।ଖଟର ଗୋଟିଏ କଡ଼କୁ ବସିଲେ। ଧୀରେ ପୁଅକୁ ଛୁଇଁଲେ। ତା' ମଥାରେ ଖୁବ୍ ମୁଲାୟମ ଭାବରେ ଆଙ୍ଗୁଳି ସଞ୍ଚାଳନ କଲେ। ନିଦ ଭାଙ୍ଗିଗଲା ନିର୍ମଳର। ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା ବାପାଙ୍କ ମୁହଁକୁ।

-' ମୁନା, ମୋ କଥା ମାନିବା ଦରକାର ନାହିଁ ।ତୋର ଯାହା ଇଛା ହେଉଛି ପଢ଼। ମୋର ଆପତ୍ତି ନାହିଁ। ହେଲେ ଭବିଷ୍ୟତରେ ତୋ' ମାଆକୁ ଆଉ ମୋତେ ପାଖରେ ରଖିବୁ ବୋଲି ଆଶା ରଖିଛି। ତେଣିକି ତୋ ଇଛା..!' ପ୍ରଥମ ଥର ପାଇଁ ବାପାଙ୍କ ଛଳଛଳ ଆଖିକୁ ଦେଖି ବାକଶୂନ୍ୟ ହୋଇ ପଡୁଥିଲା ନିର୍ମଳ ।ତା' ପାଟିରୁ କେବଳ କୋହ ମିଶ୍ରିତ ଶବ୍ଦଟିଏ ବାହାରିଲା..'ବାପା...!'

*କୁଞ୍ଜବିହାରୀ ଲେନ, କଟକ*

# ହତବାକ୍


ବିଜୟ କୁମାର ଛାଟୋଇ

ସଂଜ ଗଡ଼ିଗଲେ ନିଧି ଦଦେଇଙ୍କ ଦାଣ୍ଡପିଣ୍ଡା ରେ ପୁରାଣପଢ଼ା ଚାଲେ। ସେଥିପାଇଁ ସେ ସବୁଦିନ ପରି ଆଜି ତରତର ହୋଇ ସନ୍ଧ୍ୟା ନିତ୍ୟକର୍ମ ସମାପ୍ତ କରିଦେଇଥାନ୍ତି । ରଖା ସଜଡ଼ା , ଦୀପରେ ପୋଲାଙ୍ଗ ତେଲ ପକାଇବା, ରଜକ ଦେଇଥିବା ଧୋବ କପଡ଼ାକୁ ଚିରି ଲମ୍ବା ଲମ୍ବା ତିନୋଟି ସଂଜ ବଳିତା ତିଆରିବା ସହିତ ଝୁଣା ଓ କର୍ପୂର ଆଳତି ପାଇଁ ପ୍ରସ୍ତୁତ ହୋଇରହିବା ତାଙ୍କର ନୈକ କାମ । କେବଳ ପୁରାଣପିଣ୍ଡାକୁ ଆସିବାକୁ ବାକି ଥାଆନ୍ତି ଛଇଲ ଅଜା, ଶିବ ଜେଜେ, ବିହାରୀ ପିଉସା, କୃଷ୍ଣ ପିଉସା, ଚରଣ ଅଜା, ଭୋଳା ଅଜା ଆଦି ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ । ଏମାନେ ସମସ୍ତେ ଉପସ୍ଥିତ ହେଲେ ଯାଇ ପୋଥି ଦିଅଁଙ୍କୁ ନିଧି ଦଦେଇ ପୂଜାକରିବେ। ସେ ବାମହାତରେ ଘଣ୍ଟି ଧରି ପୂଜାପାଠ ଓ ଆଳତୀ କଲାବେଳେ କିଏ ଘଣ୍ଟ ବଜାଏ ତ ପୁଣି କିଏ ମୃଦଙ୍ଗ ଓ ଗିନି ବଜାଇଦିଏ । ଏସବୁ କାମ ସରିଗଲେ ନିଧି ଦଦେଇ ପୁରାଣ ପଣ୍ଡିତ ହୋଇ ଆଗେ ମଙ୍ଗଳାଚରଣ କରି ପୁରାଣ ପଢ଼ିବା ଆରମ୍ଭ କରନ୍ତି । ସେହି ପୁରାଣପଢ଼ା ପାଖରେ ପୁରୁଖା ଲୋକମାନେ ବସି ପୁରାଣ ଶୁଣନ୍ତି ଓ ପୁରାଣର ବିଷୟବସ୍ତୁକୁ ବିଶ୍ଳେଷଣ କରନ୍ତି । ଏପରି ପରମ୍ପରା କାହିଁ କେତେକାଳରୁ ଚାଲିଆସୁଅଛି ।

ଆମ ଛଇଲ ଅଜାଙ୍କର ଗୋଟେ ଦୋଷ , ସେ ଅନ୍ୟକୁ ଦେଖେଇ କଥାର ଖିଅ କାଢ଼ନ୍ତି । ସେ ପୁରାଣ ପଢ଼ାର ମଝିରେ ମଝିରେ ଦନେଇ ମଉସାଙ୍କୁ ଆକ୍ଷେପ କରି ଗୋଟିଏ ଡୋଜ୍ ମାରି କହିଲେ , ଆଜିକାଲିର ଲୋକେ ପୁରାଣ ଶାସ୍ତ୍ରକୁ ପୁରୁଣାକଥା କହି କାହିଁକି ଉପହାସ କରନ୍ତି କେଜାଣି ? ଛଇଲ ଅଜାଙ୍କ ଏପରି ପ୍ରଶ୍ନର ଉତ୍ତରରେ ନିଧି ଦଦେଇ କହିବାକୁ ଲାଗିଲେ , ' ଏମାନେ ଆଧୁନିକତାର ଚାକଚକ୍ୟତାରେ ଅଭ୍ୟସ୍ତ । ଆମେ ମଧ୍ୟ ! କିନ୍ତୁ ଏମାନେ ନିଜର ଆଳସ୍ୟପରାୟଣତା ଏବଂ ପାଶ୍ଚାତ୍ୟ ସଂସ୍କୃତିର ସହଜାନୁପନ୍ଥାକୁ ଗ୍ରହଣ କରି ନିଜର ସଂସ୍କୃତି ଓ ପରମ୍ପରାକୁ ରୁଗ୍ଣ ମନେକରନ୍ତି ଏବଂ ପାଶ୍ଚାତ୍ୟ ସଂସ୍କୃତିକୁ ବହୁଳ ଆପଣେଇ ତାହାକୁ ଉନ୍ନତର ଶୀର୍ଷତମ ମନେକରି ଏଗୋଷ୍ଠୀ ଯେ ସମାଜକୁ ଧ୍ୱଂସ ଆଡକୁ ନେଉନାହାନ୍ତି ତାହା କୁହାଯାଇ ନ ପାରେ ' ! ନିଜର ଆଚାର ବ୍ୟବହାର ଚାଲି ଚଳଣି ଶିକ୍ଷା ଦୀକ୍ଷା ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ଯିଏ ବ୍ରତୀ ସିଏ ହିଁ ସୁସଂସ୍କୃତ । ତେଣୁ ସମାଜରେ କିପରି ସୁଧାର ଆସିବ ସେଥିପାଇଁ ନିଧି ଦଦେଇ ଭାଗବତର ଧ୍ରୁବ ଚରିତ, ଭକ୍ତ ପ୍ରହ୍ଲାଦଙ୍କ ଚରିତ, ଭକ୍ତ ବିଦୁରଙ୍କ କଥା, ବୀର କର୍ଣ୍ଣଙ୍କ କଥା, ଗୋପୀଗୋପାଳଙ୍କର ଶ୍ରୀକୃଷ୍ଣଙ୍କ ଠାରେ ଥିବା ଭକ୍ତିକଥା , ପାର୍ବତୀଙ୍କ କଠୋର ବ୍ରତ କଥା, ଏବଂ ରାମାୟଣର ମା' ସୀତାଙ୍କ ଚରିତ, ମା' ସବରୀଙ୍କ ଚରିତ, ଜଟାୟୁ ଚରିତ, ଶ୍ରୀରାମ, ଲକ୍ଷ୍ମଣ,ଭରତ ଓ ଶତ୍ରୁଘ୍ନଙ୍କ ମଧ୍ୟରେ ଥିବା ଭାତୃପ୍ରେମ ଏବଂ ସେମାନଙ୍କର ପିତୃ ଭକ୍ତି ଆଦି ପ୍ରସଙ୍ଗ ଆଲୋଚନା କରି ଭାରତୀୟ ଆର୍ଯ୍ୟ ସଭ୍ୟତାର ମହାନ ସଂସ୍କୃତି ଓ ପରମ୍ପରାକୁ ମନେପକାଇଲା ବେଳେ ଆଖିରୁ ତାଙ୍କର ଲୋତକ ଗଡ଼ିଆସେ । ନିଧି ଦଦେଇଙ୍କ ଏପରି ଭାବୋଦ୍ଧିପକ ଆଲୋଚନାରେ ଅନ୍ୟ ଶ୍ରୋତୃମଣ୍ଡଳୀଙ୍କର ଆଖିକୁ ମଧ୍ୟ ଅଜାଣତରେ ଲୁହ ଆସିଯାଇଥାଏ । ପାଖରେ ଥାଆନ୍ତି ଦନେଇ ମଉସା । ସେ ଆଗରୁ ପୁରାଣ ବିରୋଧୀ ଓ ପୁରାଣ ପ୍ରମୀମାନଙ୍କୁ ଥଟ୍ଟାମଜା କରନ୍ତି ବୋଲି ସମସ୍ତେ ତାଙ୍କ ଉପରେ ଖପ୍ପା । ତାଙ୍କ କହିବା ମୁତାବକ ଏବେ ସେ ନୂଆକରି ଚାକିରିରୁ ଅବସରନେଇ ସହରରୁ ଗାଁ ଘରକୁ ଦୁଇଦିନ ପାଇଁ ଆସିଛନ୍ତି । ସେହି କାରଣରୁ ସେ ଆପେ ପୁରାଣ ପଢ଼ା ପାଖରେ ଆସି ବସିଥାନ୍ତି । ତାଙ୍କ ହାବଭାବରୁ ଜଣାପଡୁଥିଲା ଯେ ତାଙ୍କର ଆଉ ନିଜ ଘର କଥାରେ ମୁଣ୍ଡ ପୁରାଇବାକୁ ଭଲ ଲାଗୁନି । ଭଗବାନ ସବୁକିଛି ଅଟନ୍ତି ବୋଲି ତଉଲିଛନ୍ତି । ତାଙ୍କର ପିଲାମାନେ ସବୁ ବଡ଼ଚାକିରି କରି ବିଦେଶରେ ଥିବାରୁ ବାପାମାଆ କଣ ଓ ସେ କିପରି ଥିବେ ଏବଂ ଗାଁ ଗଣ୍ଡା ଦିଅଁଦୁବ କଥା କିଛି ବି ସେମାନଙ୍କ ମୁଣ୍ଡରେ ନ ଥାଏ । କେବଳ ବିଳାସବ୍ୟସନ ଛଡ଼ା ତାଙ୍କୁ କିଛି ବି ସୁହାଏନି । ଖାଇବା ପିଇବା ବୁଲିବା ଏବଂ ଟଙ୍କା ରୋଜଗାର କରିବା ସେମାନଙ୍କର ଚିନ୍ତା । ଲୋକେ କହନ୍ତି ବାପ ଯେମନ୍ତକୁ ପୁଅମାନେ ତେମନ୍ତ । ସେଥିପାଇଁ ଲୋକମାନେ କେହି ଜଣେ ବି ତାଙ୍କୁ ସୁଖ ପାଆନ୍ତିନି । କିନ୍ତୁ ହେଲେ କଣ ହେବ ଛଇଲ ଅଜା ତାଙ୍କୁ ମୂଳରୁ ବିଗାଡ଼ି ଦେଲେ । ସେ ପୂର୍ବପରି କାହାରିକୁ କୌଣସି ଦୋଷାରୋପ ନ କରି ତୁନ୍ କିନା ବସିଥାଆନ୍ତି । ମନରେ ତାଙ୍କର ଅମାପ ଦୁଃଖ ଗୁଞ୍ଜରିତ ହେଉଥିଲା ! ତାଙ୍କର ସହର ଚଳନି ଯେତିକି ତା'ଠୁ ଅଧିକ ଡହରାମି ପଣିଆ ଯୋଗୁଁ ସେ ଗାଁ ଲୋକଙ୍କ ଆଗରେ ନିନ୍ଦିତ ହୋଇଥିବାରୁ ସେ ଭାରି ଅନୁତାପିତ । ତାଙ୍କର ମନରେ ଆଉ ସୁଖ ନଥାଏ। ଜୀବନରେ କେବେ ବି ଖୋର୍ଦ୍ଧା ଗାମୁଛା, ଧୋତି ପଞ୍ଜାବୀ ପିନ୍ଧି ନାହାନ୍ତି । ଏବେ ମଧ୍ୟ ସେ ବିଭିନ୍ନ ରକମର ସର୍ଟ ପ୍ୟାଣ୍ଟ ,ସର୍ଟ ସାର୍ଟ ପିନ୍ଧି ଯୁବପିଢ଼ିଙ୍କୁ ଭ୍ରମିତ କରୁଥିବାରୁ ତାଙ୍କ ଉପରେ ସବୁଲୋକଙ୍କର ନାହିଁ ନ ଥିବା ରାଗ । ତାଙ୍କର ଚାଲିଚଳନକୁ ଦେଖି ଗାଁର ସବୁ ପିଲା ଆଧୁନିକତା ଆଳରେ ଆଉ କେହି ମୁଣ୍ଡ ନୁଆଁଇ ପ୍ରଣାମ ନ କରି ଆଣ୍ଠୁଠୁ ପ୍ରଣାମ କରୁଛନ୍ତି । ପର୍ବ ପର୍ବାଣୀବେଳେ ଶଙ୍ଖ ଓ ହୁଳହୁଳିର ଶୁଭଧ୍ୱନି ଶୁଣାଯାଉନି । ଦୁଃଖର ବିଷୟ ଗୋମାତାଙ୍କଠାରେ ଆଉ ଲୋକଙ୍କର ଆଦର ନାହିଁ । ଗହ୍ମା ପୂର୍ଣ୍ଣିମାରେ ଗୋରୁଗାଈଙ୍କର ସେବା ଓ ପୂଜା ଧିରେ କମି ଆସିଲାଣି । ଆଜିର ପିଲାଙ୍କ ହାତରେ ମୋବାଇଲ୍ ଫୋନ୍ ଧରାଇଦେଇ ବାପାମାଆମାନେ ହାଲୁକା ହୋଇଗଲେଣି । ଶିବରାତ୍ରିରେ ଲୋକେ ଆଉ ଉପବାସ ରହୁନାହାନ୍ତି। ବାପା, ବୋଉ, ନାନୀ ,ଅପା ,ଭାଇ, ମଉସା ,ମାଉସୀ, ମାମୁଁ ,ମାଇଁ , କକା, ଖୁଡ଼ୀ ଡାକିବାକୁ ଲାଜ ଲାଗୁଛି । ଦଶମ ପାଠ ଶେଷ ପରେ ଉଚ୍ଚଶିକ୍ଷା ଲାଭକରି ଯୁବକମାନେ ନିଜକୁ ସର୍ବଜ୍ଞ ମନେକରି ନାସ୍ତିକତାକୁ ଆପଣାଉଛନ୍ତି । ଭାରତୀୟ ଭାଷା ହେଉକି ନିଜ ମାତୃଭାଷା ହେଉ ଏଥିରୁ ଭାବର ଆଦାନ ପ୍ରଦାନ କରିବାକୁ ସେମାନେ ଲଜ୍ଜାବୋଧ କଲେଣି । ଗୋମାତାଙ୍କ ଗୋବର କଥା ନ କହିଲେ ଭଲ । କାହାରି ଘରେ ଆଉ ଗୋମାତା ନାହାନ୍ତି କି ଗୋବରରେ ଲିପାପୋଛା ହେଉନି । ତିଥିବାରକୁ ଲୋକେ ନ ମାନି ଉଦ୍ଭଟ ଚିନ୍ତା ପ୍ରକଟ କଲେଣି । ସ୍ୱାମୀସ୍ତ୍ରୀଙ୍କ ଭିତରେ ସେଦିନର ପତିପତ୍ନିବ୍ରତରେ ଥିବା ନିଷ୍ଠା ହଜିଗଲାଣି। ସମାଜରୁ ସ୍ନେହ ମମତା ଅନୁରାଗ ଲୋପ ପାଇ ଯାଉଛି । ବିକଳ ଓ କରୁଣଚିତ୍ରର ସାବିତ୍ରୀ ବ୍ରତ କଥା କହିବାକୁ ଲାଜ ଲାଗୁଛି। ପରସଂସ୍କୃତିରେ ଲଟପଟ ହୋଇ ପାଶବିକ ପ୍ରବୃତିରେ ବଶବର୍ତ୍ତୀ ମଣିଷ ଆଜି ଧର୍ମ କର୍ମ ଭୁଲିଗଲେଣି । ନିଜ ହେତୁରେ ନିଜେ ବଳିୟାର ହୋଇଯାଉଛନ୍ତି । କେହି ଦେବ ଭାଷା ସଂସ୍କୃତକୁ ଆଣି ଆଦର କରୁନାହାନ୍ତି କହିଲେ ଚଳେ । ଓଡ଼ିଆ ଘରର ଝିଅ ବୋହୁଏ ଶାଢି ପିନ୍ଧିବାକୁ ଲାଜ କଲେଣି । ଅଳତା ସିନ୍ଦୁର କଥା ନ କହିଲେ ଭଲ । ଏପରି ଅନେକ କଥା ଗାଁରେ ଯଦି ଘଟୁଛି କେବଳ ସେହି ଦନେଇ ମଉସାଙ୍କ ଯୋଗୁଁରୁ । ସିଏ ହୁଅନ୍ତୁ କି ତାଙ୍କର ପରିବାର ହୁଅନ୍ତୁ, ଯେତେବେଳେ ସେମାନେ ସହରରୁ ଗାଁ କୁ ଆସନ୍ତି ସେତେବେଳେ ସେମାନେ ନିଜ ଦିହରେ ବିଦେଶୀ ଅତର, ବିଦେଶୀ ବସ୍ତ୍ର, ବିଦେଶୀ କଥା, ବିଦେଶୀ ଖାଦ୍ୟ ଓ ତାର ଖାଇବା ଚଳନି, ବୁଟ୍ ହେଉ କି ଜୋତାକୁ ଗୋଡରୁ ନ ଖୋଲି ଖାଇବା ପିଇବା ଶୋଇବା ଆଦି କଦର୍ଥ କାର୍ଯ୍ୟ କଳାପକୁ ଗାଁ ଲୋକେ ସହିପାରନ୍ତିନି । ସେମାନଙ୍କ ପରିଧାନରେ ସୌଚ୍ ନିର୍ମଳଭାବ ନ ଥିବାରୁ କଳିଯୁଗର କରାମତି ବୋଲି ଲୋକେ କହନ୍ତି । କେବଳ ବିଦେଶୀ ଅତର ପକେଇ ଗନ୍ଧାଉଥିବାର ଚାଲିଚଳନି ସମାଜକୁ ନଷ୍ଟ କରିଦେଲାଣି । ଏଥର କୁତ୍ସିତ ଓ କଳଙ୍କିତ ଅପସଂସ୍କୃତିକୁ ଆଉ ବରଦାସ୍ତ କରାଯିବନି ବୋଲି ନିଧି ଦଦେଇ ରୋକଠୋକ୍ ବ୍ରହ୍ମବାଣୀ ଶୁଣାଦେଇଛନ୍ତି । ସମସ୍ତେ ଭାବୁଥାନ୍ତି ଦନେଇ ମଉସା ଆଜି ହଇଚଇ ସୃଷ୍ଟି କରିଦେବେ । କିନ୍ତୁ ପୂର୍ବପରି ତାଙ୍କର ମନରେ କୌଣସି ବଡ଼ବଡ଼ିଆ ଭାବ ନ ଥିଲା ପୂରାପୂରି ସେ ନରମି ଯାଇ ନିଜକୁ ଧିକାର କରୁଥିଲେ । ସେ ଭାବୁଥାଆନ୍ତି ସହରରେ ରହି ଆଧୁନିକତାର ମୂଲ୍ୟବୋଧକୁ ନ ବୁଝି ଅପସଂସ୍କୃତିର ପାଶବିକ ଚଳନିକୁ ଆପଣେଇ ବଡ଼ ଦୋଷ କରିଛି । ମୋତେ ସମାଜ କଦାପି କ୍ଷମା ଦେବନି । ବାସ୍ତବରେ ଯେଉଁଠି ଶାନ୍ତି ଓ ସମୃଦ୍ଧି ଥିଲା, ଯେଉଁ ମାଟିର କୋଳରେ ପବିତ୍ରତା ଓ ମହାନତା ଯଥେଷ୍ଟ ଥିଲା ତାକୁ ଜାଣିଶୁଣି ପଦାଘାତ କରି ବଡ଼ କୁକର୍ମ କରିଛି ।

ଆଜି ପୁରାଣ ମଣ୍ଡପର ପବିତ୍ର କ୍ଷେତ୍ରରେ ମୋତେ ପ୍ରାୟଶ୍ଚିତ କରାଯାଉ ବୋଲି ବିବେକ ଆଗରେ ଅଭିଯୋଗ ବାଢୁଥାନ୍ତି ସେ । ପୁଣି ଭାବୁଥାନ୍ତି ସେ ଯେଉଁ ପୁରାଣ ପୋଥି ଆମ ପୂର୍ବସୁରୀଙ୍କର ବିଶ୍ୱାସର ମନ୍ଦିର ଓ ଆଶାର ଆଲୋକ ଅଟେ ମୁଁ ସେହି ପବିତ୍ର ପରମ୍ପରା ଓ ସଂସ୍କୃତିକୁ ଭୁଲିଯାଇ ପାପକରିଛି। ସେତେବେଳେକୁ ନିଧି ଦଦେଇ ପୁରାଣଙ୍କୁ ବିଶ୍ରାମ ଦେଇ, ଆଳତି ସାରି ହରିବୋଲ ଦେବାକୁ ସମସ୍ତଙ୍କୁ ଠିଆହେବାକୁ ଆଦେଶ ଦେଲେ। କିନ୍ତୁ ସମସ୍ତେ ଦନେଇ ମଉସାଙ୍କର ମୌନତାକୁ ଅପେକ୍ଷା କରିଥାନ୍ତି। କାଳେ ସେ ଶେଷକୁ ଗଣ୍ଡଗୋଳ କରିଦେବେ ! ସେଥିପାଇଁ ସମସ୍ତେ ପ୍ରସ୍ତୁତ ଥାଆନ୍ତି । ଯଦି ସେ କୌଣସି ବିଘ୍ନ ସୃଷ୍ଟି କରିବେ ତେବେ ଗାଁ ଲୋକ ସବୁମିଶି ଦନେଇ ମଉସାକୁ ପାନେ ଦେବେ ବୋଲି ସଜାଗ ଥାଆନ୍ତି । କିନ୍ତୁ ସେଦିନ ଦନେଇ ମଉସା ତଳୁ ଉଠିଯାଇ କହିହେଉଥିଲେ ମୋତେ ତୁମେ ସମସ୍ତେ ମିଶି କ୍ଷମାକରିଦିଅ । ଦନେଇ ମଉସାଙ୍କର କଥାରେ ଲୋକେ ସେଦିନ ହତବାକ୍ ହୋଇଯାଇଥିଲେ ।

*ମୁଖ୍ୟ ସମ୍ପାଦକ, ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ଓଡ଼ିଶା,*
*ସତ୍ୟବାଦୀ, ପୁରୀ*
*ମୋ - ୮୫୯୯୮୩୮୫୯୭*

## ରଜଦୋଳି ସଜବାଜ

*ଲୋପାମୁଦ୍ରା ଜେନା*



ନାଚି ଯା' ମୌସୁମୀ ବଜାଇ ବାଇଦ
ମେଘ ସବାରୀରେ ଆସି ,
ନୟନରେ ତା'ର ଆକୁଳତା ଢାଳି
ଧରଣୀ ରହିଛି ବସି !!

ଫିକା ଫିକା ଲାଗେ ରଜ ସଜବାଜ ,
ଗୁଲୁଗୁଲି ଗରମରେ ,
ଦେହ ,ମନ ତୋ'ର ଭିଜି ହଜିଯାଉ
ରିମଝିମ୍ ଗୀତ ସୁରେ !!

ଭାରି ମନେ ପଡେ ସେ ପୁରୁଣା କାଳ ,
ରଜଦୋଳି ସଜବାଜ ,
ଗାଆଁ ଆମ୍ବତୋଟା , ପଟାଦୋଳି ଖେଳ
ସାଥୀ ସଙ୍ଗାତ , ମଉଜ !!

ମନେ ପଡେ ପୁଣି ମକର ,ବଉଳ ,
ଖିଲିପାନ ,ପୋଡ଼ପିଠା ,
ବୋଉ ହାତଗଢ଼ା କିସମ କିସମ
ପିଠା ଲାଗୁଥିଲା ମିଠା !!

ଆଖିରୁ ତାହାର ନିଦ ହଜୁଥିଲା ,
ସକାଳ ପହରୁ ବସି ,
ପତର ଛଡାଏ ପୋଡପିଠା ଦେହୁ
ମୁରୁକି ମୁରୁକି ହସି !!

ରଜ ଆସିଲାଣି ଜଣା କି ପଡୁନି
କେତେ ଅଳସେଇ ହେଉ ,
ବନ୍ଧୁ ବାନ୍ଧବ ଯେ ଆସିବେ ଘରକୁ
ସକାଳୁ ଡାକଇ ବୋଉ !!

ନାଲି ଅଳତାର ସରୁଆ ଗାରରେ
କି ସୁନ୍ଦର ଦିଶେ ପାଦ ,
ନୂଆ ଶାଢ଼ୀ ନୂଆ ବେଶ ପୋଷାକରେ
ହସୁଥାଏ ସତେ ରଜ !!

ଭାଉଜଙ୍କ ପାଦେ ରୁଣୁଝୁଣୁ ହୋଇ
ପାଉଁଜି ଗାଆଇ ଗୀତ,
ଗଭାରେ ତାଙ୍କର ମଲ୍ଲୀର ଗଜରା ,
ଆଖି ସାଜେ ମନମିତ !!

ଗୀତ ଭାସୁଥାଏ ଗାଆଁରୁ ଗାଆଁକୁ
ବନସ୍ତେ ଡାକଇ ଗଜ ,
ଭାରି ହସଖୁସି ରୋଳ ଉଠୁଥାଏ
କାହିଁ ସେ ଆଗର ରଜ !!

କଂକ୍ରିଟ୍ ଜଙ୍ଗଲେ ମମତା ଟୋପାଏ
ଖୋଜିଲେ ମିଳଇ ନାହିଁ ,
ରଜ ଆସିଗଲେ ମନ ଆନମନା
ପୁରୁଣା ଦିନ ଝୁରଇ !!

ଆ' ଲୋ ମୌସୁମୀ ଅଭିମାନ ତେଜି ,
ଧରଣୀ ପାଉ ତୋ' ସ୍ପର୍ଶ !
ତୋ'ରି ଛୁଆଁରେ ତା' ମୁହଁରୁ ଖେଳୁ
ସୁନାଝରା ମିଠା ହସ !!

ଆକାଶ ପୃଥିବୀ ହେଉ ଏକାକାର ,
ରଜସ୍ୱଳା ହେଉ ଭୂମି ,
ଏ ମହାମିଳନେ ଧରଣୀ ବକ୍ଷକୁ
ସବୁଜିମା ଯାଉ ଚୁମି !!

*ବାଳାଜି କମ୍ପ୍ଲେକ୍ସ ,*
*ଭୁବନେଶ୍ୱର : ୭୫୧୦୦୬*

## ବନସ୍ତେ ଡାକିଲା ଗଜ

*ସୁନୀଲ କୁମାର ପ୍ରଧାନ*



ବନସ୍ତେ ଡାକିଲା ଗଜ
ଦୋଳି ଖେଳିବା କରି ମଉଜ
ହୋଇବାରେ ସଜବାଜ ।
ବନସ୍ତେ ଡାକିଲା ଗଜ
ପାଦରେ ଅଳତା ମୁଣ୍ଡେ ଚିତା
ପରବ ଦିଏ ବାରତା ।
ବନସ୍ତେ ଡାକିଲା ଗଜ
ଦୋଳି ଗୀତ ସବୁ ମନେ ହେଜ
ଆସିଛି ରଜ ମଉଜ ।
ବନସ୍ତେ ଡାକିଲା ଗଜ
ଗାଆଁ ଦାଣ୍ଡେ ଖେଳେ ଖୁସି ଆଜ
ଆସିଛି ପରା ଏ ରଜ ।
ବନସ୍ତେ ଡାକିଲା ଗଜ
ପିଠା ସହ ମୁଢି ମିଠା ପାନ
ହୋଇଛି ଦେଖ ଯତନ ।

*ଝାଟିପଦର, ପାଲୁର , ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ସମ୍ପର୍କ

*କବିରତ୍ନ ନୂତନ କୁମାର ବେହେରା*



ମଣିଷ ଜନ୍ମେ ନେଇ
ତାର ରକ୍ତ ସମ୍ପର୍କ
ହେତୁ ଆସିଲେ ଚିହ୍ନେ
କିଏ ମାଆ କିଏ ବାପା
କେଉଁମାନେ ଆତ୍ମୀୟସ୍ୱଜନ ତା' ନିଜର
ରହେ ଆନନ୍ଦେ ପରିବାରର
ପରିଧି ଭିତରେ
ଅସହାୟରୁ ସେ ସହାୟକ
ହେବା ପର୍ଯ୍ୟନ୍ତ
ବୟସ କ୍ରମରେ ତା' ବ୍ୟକ୍ତିତ୍ୱର
କରି ବିକାଶ
ସେ ଗଢେ ତା' ସ୍ୱପ୍ନରେ
ଏକ ନୂଆ ସଂସାର
ମଞ୍ଜିରୁ ଗଛ ପୁଣି ଗଛରୁ
ହୁଏ ଫଳ ମଧ୍ୟେ ମଞ୍ଜି
ରୂପାନ୍ତରରେ ହେଉଥାଏ
ତାର ପୁନରାବୃତ୍ତି
ସମ୍ପର୍କ ବଢେ ଛିଡ଼ ? ନଈର
ବନ୍ୟାଜଳ ପରି
ପରିବାରରୁ ବାହାରି ଆସିଲେ
ସମାଜର ଦାଣ୍ଡକୁ
ଇଚ୍ଛାରେ ସମ୍ପର୍କ ବାଧ
ବାଧକତାରେ ସମ୍ପର୍କ
ଜୀବନର ଆବଶ୍ୟକତାକୁ
ନେଇ ହୁଏ ଗଢ଼ା
ରକ୍ତ ସମ୍ପର୍କ ବ୍ୟତିରେକ
ହୁଏ ଭାବର ସମ୍ପର୍କ
ଏ ସମ୍ପର୍କର ବନ୍ଧନରେ
ଜୀବନ ହୁଏ ଗତିଶୀଳ
ତା' ବିନା ବଞ୍ଚିବାର ମାନେ କିଛି ହୁଏନା
ବିକାଶ ପ୍ରକାଶର ଲାଗି
ସମ୍ପର୍କ ଏକାନ୍ତ ଜରୁରୀ
ସମ୍ପର୍କ ଗଢିବା ହୋଇଥାଏ ଅତି ସଜଜ
ତାକୁ ଦୀର୍ଘକାଳ ବଜାଇବା
ରଖିବା ଭାରି କଷ୍ଟ
ଏ ସମ୍ପର୍କ ଭାଙ୍ଗିଗଲେ ହୁଏ ଦୁଃଖଦାୟକ
ହସ ଲୁହର ଜୀବନ ଭିତରେ
ସବୁ କିଛି ସହି
ବୁଝିବାକୁ ହୁଏ ନିଜ ନିଜର
ଦାୟିତ୍ୱ ଓ କର୍ତ୍ତବ୍ୟ
ସମୟ ସର୍ବଦା ଅଣାୟତ୍ତ
ପୁଣି ଏ ସୀମିତ
ସମ୍ପର୍କକୁ ମଧୁର କରି ଦୃଢ଼
ରଖିବା ଏକ ବ୍ରତ
ଯନ୍ତ୍ରଣାର ଅଗ୍ନି ପଥରେ
ଚାଲୁ ଚାଲୁ ଆଶା ସଞ୍ଚି
ଅନିଛା ସତ୍ତ୍ୱେ
କେତେକ ସମ୍ପର୍କ ଯାଏ ବିଗିଡ଼ି
ଶତ ଚେଷ୍ଟା କରି ବି
ହୁଏନା ପୁନର୍ବାର ସଜାଡ଼ି
ନେପଥ୍ୟରୁ ଶୁଭୁଥାଏ
କେବଳ କିଛି ଭୁଲ୍
ପରସ୍ପର ପରସ୍ପରକୁ
କରୁଥାନ୍ତି ଦୋଷାରୋପ
ତାର ସତ୍ୟତା
ପ୍ରାୟତଃ ହୁଏନା ପ୍ରମାଣିତ
ଯଦିବା ହୁଏ ପ୍ରତିପକ୍ଷ
କରେ ନାହିଁ ଅଙ୍ଗୀକାର
ଶତ୍ରୁତାର କରାଳ ଛାଇରେ
କରେ ସେ ଅଶ୍ରୁପାତ
ଭଙ୍ଗା ସମ୍ପର୍କର କୋହ
ପାଲଟି ହୁଏ ଅନ୍ତର୍ଦାହ
ଜୀବନ ଥିବାଯାଏଁ ସମ୍ପର୍କ
ବାନ୍ଧିଥାଏ ଫାସ ପରି
ସମ୍ପର୍କକୁ ବୁଝିଲେ ସମ୍ପର୍କୀୟ
ଆପଣାର ଜନ
ଆପାତତଃ ଟିକିଏ ଶାନ୍ତିରେ
ବିତିଯାଏ ଦିନ।

*କୋହି,ବାରିପଦା,ମୟୂରଭଞ୍ଜ।*
*ମୋ- ୮୦୧୮୩୫୩୩୨୨*

## ଆହାତ ପ୍ରେମ

*ପ୍ରଶାନ୍ତ କୁମାର ନାଥ*

ଫେରିବାର ନାହିଁ ଆଉ ବିଗତ ଅତୀତ
ସ୍ମୃତି ଖାଲି ସ୍ମୃତି ଯାହା ଲଲାଟେ ଲିଖିତ।
ଜୀବନ ଯୌଉଘରେ ଲେଖା ଥିଲା ଯାର ନାଁ
ଆଜି ସେ ସାଜିଛି ମୋ ଜୀବନେ ଖାଲି ଧୂଆଁ।
ବେଳେବେଳେ ମନେ ପଡେ ତା ଖିଆଲି ପଣ
ଭାବି ବି ନଥିଲି ଦିନେ ଖାଇବ ମୋ ରାଣ ।
ସରଳ ଭିତରେ ତା'ର ଗରଳ ଯେ ଥିଲା
ମୋ ନିଚ୍ଛିହ ପଣରେ ସେ ମୋତେ ଦଂଶିଦେଲା।
ପ୍ରେମର ପିଆଲା ତା'ର ଲାଗୁଥିଲା ନିଶା
ତା ପ୍ରେମରେ ପଡି ଯାଇ ଭୋଗେ ହୀନ ଦଶା।
ଭଗ୍ନ ଡେଣା କ୍ଷତାକ୍ତରେ ହେଉଛି ଅବସ
ତଥାପି ତା ପ୍ରେମ ମୋତେ ଲାଗୁ ନାହିଁ ବିଷ।
ଛଳନାର ଛୁରୀ ମାରି କରିଲା ଆହାତ
ତଥାପି ତା ପାଇଁ ମନ ଗାଏ ପ୍ରେମ ଗୀତ।
ଆହାତ ହୋଇ ବି ଆଜି ଖୋଜେ ତା'ର ପ୍ରେମ
ଅଧାବାଟେ ଛାଡିଗଲା କରି ବଦନାମ।
କଥା ଦେଇଥିଲା ସେ ତ ସାତ ଜନ୍ମ ପାଇଁ
ସାଥି ହୋଇ ରହିବ ସେ ମୋ ମୁହଁକୁ ଚାହିଁ।
ଉଡ଼ିବାକୁ ନାହିଁ ବଳ ଦେଖୁଛି ସପନ
ପାଇବାକୁ ଖାଲି ତା'ର ଟିକେ ଆଲିଙ୍ଗନ।

*ରାଜନଗର,କେନ୍ଦ୍ରାପଡ଼ା*
*ଦୂରଭାଷ -୮୬୫୮୨୫୨୪୨୬*

## ବିକଳ୍ପ ବ୍ୟବସ୍ଥା

*ନିରଞ୍ଜନ ସାହୁ*



ତୁମେ ତ କେବଳ ତୁମରି ବିକଳ୍ପ
ତୁମ ପରି ଆଉ କିଏସେ ହେବ
ଯେତେ ଯାହାକଲେ ଜଣଙ୍କର ସ୍ଥାନ
ଆଉଜଣେ ଆସି କେମିତି ନେବ ?

ସୂର୍ଯ୍ୟର ବିକଳ୍ପ ଚନ୍ଦ୍ରମା ହେବ କି
ପଦ୍ମ ବଦଳରେ ହେବ କି କଇଁ
ସକାଳ ପରିକା ସଞ୍ଜ ହୋଇବ କି
ଯେତେ ବି ଅନ୍ଧାର ଆସିଲେ ନଇଁ
କିଏ ସିଏ ଆଉ ତୁମ ପରି ହେବ
ଏ ହୃଦୟ ତାକୁ ସ୍ଥାନ ଯେ ଦେବ ?

କାହାର ବିକଳ୍ପ କେହି ହେବେନାହିଁ
ଶୂନ୍ୟସ୍ଥାନ ସଦା ରହିବ ଖାଲି
ଆଜି ଦିବସର ଗୁରୁତ୍ୱ ଯେତିକି
କେବେ ହୋଇବ କି ଆସନ୍ତାକାଲି
ବିକଳ୍ପର କଥା ଚିନ୍ତା ନ କରିକି
କେମିତି ହୋଇବ ବିଭୁଙ୍କୁ ସେବ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଅଶ୍ରୁ

*ସୁହଂସ ଭୋଇ*



ଜୀବନରେ ଯେବେ ଭାରିପଡେ ଦୁଃଖ
ବ୍ୟଥା ବେଦନାର ଭାର
ତହୁଁ ଝରି ପଡେ ନିରୀହ ଆଖିରୁ
ଦୁଇଟୋପା ଅଶ୍ରୁ ଧାର
ସରଳ ହୃଦୟ ପାଇଲେ ଆଘାତ
ଦରଦ ପାଲଟେ କୋହ
ଶଠତା ଭିତରେ କାନ୍ଦୁଥାଏ ସତ୍ୟ
ନିରବରେ ଅହରହ
ଦେଶ ଜାତି ପାଇଁ ପୁଅ ବଳିଦାନେ
ଜନନୀ ଗଡାଏ ଲୁହ
ଗରବରେ ଛାତି ଫୁଲି ଉଠେ ସତ
ସହି ନ ପାରଇ ଦେହ
ପ୍ରେମର ସ୍ୱାକ୍ଷର ସାଜେ ଚକ୍ଷୁନୀର
ଜୁଆର ସେ ବିରହର
ମମତାର ସରୁ ନଈଟିଏ ହୋଇ
ବହିଯାଏ ବାରମ୍ବାର
ନିରାଶେ ବିରସେ ନିଶବଦେ ଆସେ
କେବେ ପୁଣି ଆନନ୍ଦର
କିଏ ପିଏ ହସି କିଏ ଲୁଚି ଲୁଚି
କରି ତାକୁ ଅପଣାର

*ପହଣ୍ଡି,ବରଗଡ଼*
*୯୪୩୭୫୨୨୪୫୫*

## ଅଦୃଶ୍ୟ ଢେଉ

*ସୁଧାକର ରାଉତ*



ଆସି ତୁମ ସଂସ୍ପର୍ଶ ରେ ବଖାଣିଲି
ନିଃସଙ୍କଚେ ଏଠି ମନର
ସଂଗୁପ୍ତ ଭାବପ୍ରବଣତା ଆଉ
ସୁପ୍ତ ଆଗ୍ନେୟଗିରି ର ଉଦ୍ଦାମତା ।
ମେଞ୍ଚା ମେଞ୍ଚା ଅନୁରାଗର
ନିଛକ ବାସ୍ତବତା ।
ତୁମେ କିନ୍ତୁ ମାପିଚାଲିଲ
ମୋ ମନର ଗଭୀର
ଅକୁହା ପ୍ରେମର ନିଷ୍ଠୁର ସତ୍ୟତା ।
ଅହେତୁକ ପ୍ରୀତି ରେ ଲୁକ୍କାୟିତ
ଆବିଳତା ।
ଏତେ ପରୀକ୍ଷା ନିରୀକ୍ଷା ପରେ
ତୁମ ମନ ନେଲାନି ବିଶ୍ରାମ
ଦୋଳିଟା ତୁମର ସଦା ଉର୍ଦ୍ଧ୍ୱମୁଖା
ତଳେ ଥିବା ରଗ୍ଣ ତୃଣମାନେ
ହେଲେ ତୁମର ଅଣଦେଖା ।
ତଥାପି ତୁମ ପାଇଁ ସବୁ ଯନ୍ତ୍ରଣା ଚାପି
ହସିବା ପାଇଁ ମନ ଯୋଖି
ସବୁ ଲୁହ କୁ ଦେହରେ ମାଖି
ବଢାଇଲି ସମବେଦନା ର ହାତ
ତୁମେ ତଥାପି କରିଲ ଅନ୍ଧାରକୁ ସ୍ୱାଗତ
ଭୁଲିଗଲ ଜ୍ୟୋତ୍ସ୍ନା ରାତି
ଆଉ ନିଜ ଅନାଗତ ଭବିଷ୍ୟତ ।

*ପ୍ରତାପ ନଗରୀ କଟକ*
*ମୋ -୮୨୪୯୯୩୨୭୯୨*

## ସମୟ ସୁଅରେ

*ପୂର୍ଣ୍ଣଚନ୍ଦ୍ର ବହଳୀ*



ସମୟ ଚାଲିଛି
କିନ୍ତୁ କେମିତି ଚାଲିଛି ଜଣା ନାହିଁ
ଜୀବନର ଧାଁ ଗୈଡରେ
କେମିତି କଟିଗଲା ସାରା ଉମ୍ର
ଜଣାପଡିଲା ନାହିଁ
କାନ୍ଧରେ ବସୁଥିବା ପୁଅ
କେତେବେଳେ କାନ୍ଧ
ପାଖରେ ପହଂଚିଗଲାଣି
ଜାଣିହେଲା ନାହିଁ ।
ଦିନ ଥିଲା
ଦିନରେ ବି ଶୋଇଯାଉଥିଲି
କିଛି ଚିନ୍ତା ନଥିଲା
ଏବେ ରାତିରେ ବି ନିଦ ହେଉନାହିଁ
ଜାଣି ହେଉନାହିଁ
କେତେବେଳେ ସକାଳ ହେଲା ।

ପିଲାମାନଙ୍କ ପାଇଁ ସଞ୍ଚିବା କମାଇବାରେ
ଜୀବନଟା ଖୁବ ଗୈଡୁଥିଲା
କିନ୍ତୁ ପିଲାମାନେ ଯେ
ଚାଲିଗଲେଣି ବହୁଦୂର
ଭାବିବାକୁ ବି ସମୟ ନ ଥିଲା ।
ଘରେ ଲାଗିରହୁଥିଲା କୋଳାହଳ
କାହା ପାଖରେ କାହା ପାଇଁ
ସମୟ ନ ଥିଲା
ଏବେ ନାହିଁ ଆଉ କୋଳାହଳ
କେବଳ ଆମେ ଦୁଇରେ କଟୁଛି ଜୀବନ
ଏବେ ନିଜ ପାଇଁ କରିବାକୁ କିଛି ମନ
ଶରୀର କିନ୍ତୁ ସାଥ ଦେବାକୁ
କରୁଛି ମନା।
ସମୟ ଚାଲିଛି
ଏହା ଭିତରେ କଟିଗଲାଣି ଏତେ ସମୟ
ଜଣା ପଡିଲା ନାହିଁ ।
ଜଣାପଡିବ ନାହିଁ
କେତେବେଳେ ଦୁଇରୁ ହେବ ଏକ
ଏକରୁ ହେବ ଶୂନ୍ୟ
ପୁଣି ଆରମ୍ଭ...।

*ସମ୍ପାଦକ, 'ଶିବାନୀ'*
*ଭଦ୍ରକ*

## ମଶାଣି ଫୁଲ

*ଭାସ୍କର ବାରିକ୍*



ମଶାଣି ଫୁଲଟେ କେମିତି ଗାଇବ
ଜୀବନର ମିଠା ଗୀତ
ଜିଇଁ ରହିବାକୁ ଦିନରାତି ଖାଲି
କରୁଅଛି କସରତ ।
ରୌଦ୍ରତାପ କେବେ ହାଡ଼ଭଙ୍ଗା ଶୀତ
ଯନ୍ତ୍ରଣା ଜଳନ୍ତା ଶୀଖା
ଅଭାବ ଜଞ୍ଜାଳ କଷଣ ବେଦନା
ବୋଧେ କପାଳରେ ଲେଖା ।
ଅଶାନ୍ତି ଜ୍ୱଳନ ଚିନ୍ତାର ଅନଳ
ଉପହାସ ଉତ୍ପୀଡନ
ମଶାଣି ଫୁଲର କପାଳ ଲିଖନ
କିଏ ବା ଦେବ ସମ୍ମାନ ।
ମଶାଣି ଭିତରେ ଫୁଟିଥିବା ଫୁଲ
ମଶାଣିରେ ଝରିଯାଏ
ଯେତେ କାନ୍ଦୁଥାଉ ଯେତେ ଦୁଃଖ ପାଉ
କାହାର କ'ଣ ବା ଯାଏ ।
ଏମିତି କୁଳରେ ନେଇଛି ଜନମ
ଆଦର କରିବ କିଏ
ଗରୀବ ଲୋକର ଦରଦ ବେଦନା
ସହଜେ କି ଦୂର ହୁଏ ???
ଆସେନି ସ୍ୱାର୍ଥରେ ସ୍ୱାର୍ଥର ହାତରେ
ନିଃସଙ୍ଗ ଜୀବନ ଜିଏଁ
ସୁଗନ୍ଧ ଥିଲେବି ବଣମଲ୍ଲୀ ପରି
ମଶାଣିରେ ଝରିଯାଏ ।
ସୁବିଧାବାଦୀଙ୍କ ଚକ୍ରବ୍ୟୂହରେ
କେବେ ପଡ଼ିଯାଏ ବଳି
ଅସହାୟ କ୍ରୀତଦାସର ସମାନ
ସହିଯାଏ ମାଡ ଗାଳି ।
ନମିଳୁ ସମ୍ମାନ ସ୍ନେହ ଶ୍ରଦ୍ଧା ଟିକେ
କାହା ହାତର ପରଶ
ଈଶ୍ୱର ଇଛିଲେ ଜୀବନ ମରରେ
ଆସିବ ହର୍ଷ ଉଲ୍ଲାସ ।
ନିରାଶା ଅନ୍ଧାରେ ଅଣ୍ଡାଳି ଚାଲିଛି
ଆଶାର ଆଲୋକ ରେଖା
ବିଶ୍ୱାସ ଜିଇଁଛି ଭରଷା ରଖିଛି
ବଦଳିବ ଭାଗ୍ୟ ରେଖା ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୭୩୨୦୩୫୦*

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday June 30, 2024 | ଭୁବନେଶ୍ୱର ରବିବାର, ଜୁନ ୩୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ବି ର ନୂଆ ଉତ୍ପାଦ "ମିକ୍ସ ଛତୁଆ"ର ବଜାର ପ୍ରବେଶ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଓଡ଼ିଶାର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ବିଗ୍ରେସର ଫୁଡ୍ ?ସ ପ୍ରାଇଭେଟ୍ ଲିମିଟେଡ଼ ଆନୁକୁଲ୍ୟରେ ତଥା ଫାର୍ମ-ବି ଦ୍ୱାରା ପ୍ରସ୍ତୁତ ଏକ ନୂଆ ଉତ୍ପାଦ ମିକ୍ସ ଛତୁଆ ର ବଜାର ପ୍ରବେଶ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ଫାର୍ମ-ବି ର ପ୍ରତିଷ୍ଠାତ୍ରୀ ଓ ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ରଶ୍ମୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବଜାର ପ୍ରବେଶ ଉତ୍ସବରେ ପ୍ରତିଷ୍ଠାନର ଆକାଉଣ୍ଟ୍ସ ଏବଂ ଫାଇନାନ୍ସ ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ରର, ଉପାଦନ ବିଭାଗର ବରିଷ୍ଠ ପ୍ରବନ୍ଧିକା ଶିଳ୍ପ ଦାସ ଏବଂ ନିର୍ଦ୍ଦେଶିକାଙ୍କ ବ୍ୟକ୍ତିଗତ ସଚିବ ଆଦ୍ୟାଶା ପଟ୍ଟନାୟକ ଉପସ୍ଥିତ ରହି ଏହି ନୂତନ ଉତ୍ପାଦ ସମ୍ବନ୍ଧରେ ସର୍ବିଶେଷ ବିବରଣୀ ପ୍ରଦାନ କରିଥିଲେ । ବର୍ତ୍ତମାନ ସମୟର ସବୁଠାରୁ ଅଧିକ ଗ୍ରହଣୀୟ ଉତ୍ପାଦ ମିକ୍ସ ଛତୁଆ ଯାହାକି ଯୁବଗୋଷ୍ଠୀ ମାନଙ୍କର ପ୍ରଥମ ପସନ୍ଦ ଯୋଗ୍ୟ ଖାଦ୍ୟ । ଏହା ସକାଳ ଖାଦ୍ୟର ଚାହିଦାକୁ ପୂରଣ କରିବା ସହ ଉଚ୍ଚ ପୁଷ୍ଟିକର ପଦାର୍ଥ ଅଟେ । ଏଥିରେ ପ୍ରୋଟିନ୍, ଫାଇବର,




କ୍ୟାଲସିୟମ, ଆଇରନ୍, ମାଙ୍ଗାନିଜ ଏବଂ ମ୍ୟାଗ୍ନେସିୟମ ସହିତ ଭରପୁର ଶକ୍ତି ରହିଥାଏ । ସେଥିପାଇଁ ଫାର୍ମ-ବି ମିକ୍ସ ଛତୁଆ ର ଟ୍ୟାଗ୍ ରହିଛି 'ଆପଣଙ୍କ ଖାଦ୍ୟକୁ କରେ ପୂର୍ଣ ସୁସ୍ଥତା ସହ ସାଦରେ ପରିପୂର୍ଣ' । ଏହା ଯେ କେବଳ ସକାଳର ଖାଦ୍ୟ ପୁରା କରେ ତାହା ନୁହେଁ ବରଂ ଦିନସାରାର ଶରୀର ପାଇଁ ଆବଶ୍ୟକ ପୋଷ- କତତ୍ୱ କୁ ମଧ୍ୟ ପୁରା କରେ, ତତ୍ ସହିତ ଶରୀରର ତାପମାତ୍ରାକୁ ନୟନ୍ତ୍ରଣ କରିବାରେ ଏବଂ ଅତ୍ୟଧୁକ ଗରମକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ । ଅତିରିକ୍ତ ଭାବରେ ଏହି ଉତ୍ପାଦ ଶକ୍ତି ବୃଦ୍ଧି, ହଜମ ଓ ପାଚନ କରିବାରେ ସାହାଯ୍ୟ କରିବା ସହିତ ଓଜନକୁ ନିୟନ୍ତ୍ରଣ କରିବା, କେଶ ଓ ଚର୍ମକୁ ସୁସ୍ଥ ରଖିବା, ଶରୀରରେ ଗ୍ଲୁକୋଜର ସଠିକ୍ ପରିମାଣକୁ ବଜାୟ ରଖିବା, କୋଲେଷ୍ଟ୍ରଲ କମ୍ କରିବା ଏବଂ ଶରୀରରେ ପୁଷ୍ଟିକର ଉପାଦାନକୁ ବୃଦ୍ଧି କରିବାରେ ସହଯୋଗ କରିଥାଏ ।କମ୍ପାନୀର ଫାର୍ମ-ବି ବ୍ରାଣ୍ଡ ଅଧୀନରେ ମିକ୍ସ ଛତୁଆ ସହ ଅନେକ ଉପଯୋଗୀ ଜଳଖିଆଉତ୍ପାଦମାନ ଯଥା - ଓଟସ୍, ମସାଲା ଓଟସ୍, ମୁସଲି, ଚକୋବାଇଟ୍ସ, କନ୍ ?ଫ୍ଲେକ୍, ରାଗି ଫ୍ଲୋର ଏବଂ ଚପାଦି ଫ୍ଲୋର ଆଦି ଉପଲବ୍ଧ । ଏହା ବ୍ୟତୀତ ଗ୍ରାହକ ମାନଙ୍କ ପାଇଁ ଫାର୍ମ-ବି ଗୁଡ଼ ପାଉଡ଼ର, ପଞ୍ଜାବୀ ତଡ଼କା, ଦେବଭୋଗ ଖିଚିଡ଼ି, ଇନ୍ ?ଷ୍ଟାଣ୍ଟ ବିରିୟାନି ଭଳି ତତ୍ ?କ୍ଷଣାତ୍ ମିଶ୍ରିତ ଖାଦ୍ୟ ପ୍ରସ୍ତୁତ କରିଥାଏ,

## ଭାରତୀୟ ଖେଳନା ଶିଳ୍ପର ଅଭିବୃଦ୍ଧି ପାଇଁ ଫ୍ଲିପକାର୍ଟ ଏବଂ ଡିପିଆଇଆଇଟି ସହବନ୍ଧିତ

କଟକ (ପି.ଏନ): ଭାରତକୁ ଖେଳନା ରପ୍ତାନୀ କେନ୍ଦ୍ର ଭାବରେ ଅବସ୍ଥାପିତ କରିବାର ଏଜେଣ୍ଡାକୁ ଆଗକୁ ବଢାଇବା ପାଇଁ ଫ୍ଲିପକାର୍ଟ ଏବଂ ଆଭ୍ୟ'ରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ସହଯୋଗରେ ଏକ କର୍ମଶାଳାର ଆୟୋଜନ କରାଯାଇଛି । ବିଶ୍ୱ ଖେଳନା ଯୋଗାଣ ଶୃଙ୍ଖଳାରେ ଭାରତର ସାମର୍ଥ୍ୟ ବୃଦ୍ଧି କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା । ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିନିଧିତ୍ୱ କରୁଥିବା ଅଭିନବ ଏବଂ ଉଚ୍ଚ ମାନର ଖେଳନା ଉତ୍ପାଦନ କରିବା ପାଇଁ ଘରୋଇ ନିର୍ମାତାମାନଙ୍କୁ ଦକ୍ଷ ଏବଂ ପୁନଃରୁଦ୍ଧାର କରିବା ଉପରେ ଏହି କର୍ମାଶାଳା ଗୁରୁତ୍ୱାରୋପ କରାଯାଇଛି । ଭାରତକୁ ଖେଳନା ଉତ୍ପାଦନ ପାଇଁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ସରକାର ଯୋଜନା ପାଇଁ ଏକ ବିସ୍ତୃତ ଜାତୀୟ କାର୍ଯ୍ୟ ଯୋଜନା (ଏନଏପିଟି) ପ୍ରଣୟନ ସମେତ ଅନେକ ରଣନୈତିକ ପଦକ୍ଷେପ କାର୍ଯ୍ୟକାରୀ କରିଛିଁ । ଗୁଣବତା ବୃଦ୍ଧି ଉଦ୍ଭାବନ ଏବଂ ବଜାର ସଂପ୍ରସାରଣ ମାଧ୍ୟମରେ ଭାରତୀୟ ଖେଳନା ଶିଳ୍ପକୁ ଉନ୍ନତ କରିବା ଏନଏପିଟି ଅଧିନରେ ପ୍ରମୁଖ ପଦକ୍ଷେପର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶ୍ରୀ ରାଜେଶ କୁମାର ସିଂହ (ଡିପିଆଇଆଇଟି), ସହ ସଂପାଦକ ଶ୍ରୀ ସଂଜୀବ (ଡିପିଆଇଆଇଟି), ନିର୍ଦ୍ଦେଶକ ମହମ୍ମଦ ଇସହାର ଅଲ୍ଲୀ (ଡିପିଆଇଆଇଟି), ମୁଖ୍ୟ କର୍ପୋରେଟ ବ୍ୟାପର ଅଧିକାରୀ ରାଜନିଶ କୁମାର (ଡିପିଆଇଆଇଟି), ଫ୍ଲିପକାର୍ଟର ଏଫଏମସିଜି ଏବଂ ଜେନେରାଲ ମାର୍କେଣ୍ଡାଇଜର ମୁଖ୍ୟ ମରୀ ସିଂଘଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ସଂପର୍କରେ ସୂଚନା ଦେଇ ଶିଳ୍ପ ଓ ଆଭ୍ୟ'ରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି)ର ସଂପାଦକ ରାଜେଶ କୁମାର ସିଂହ କହିଛିଁଯେ, ଭାରତୀୟ ଖେଳନା କ୍ଷେତ୍ରରେ ଉନ୍ନତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ଆମେ ସମର୍ପିତ । ଫ୍ଲିପକାର୍ଟ ଭଳି ଶିଳ୍ପପତିଙ୍କ ସହ ସହଯୋଗ କରି ଆମେ ଭାରତକୁ ଉଚ ମାନର ଖେଳନାର ଏକ ଅଗ୍ରଣୀ ରପ୍ତାନିକାରୀ ଦେଶରେ ପରିଣତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛୁ ।' ଫ୍ଲିପକାର୍ଟର ମୁଖ୍ୟ କର୍ପୋରେଟ ବ୍ୟାପାର ଅଧିକାରୀ ଶ୍ରୀ ରାଜନୀଶ କୁମାର କହିଛିଁ ଯେ, ଫ୍ଲିପକାର୍ଟ ମାର୍କେଟପ୍ଲେସ ଜରିଆରେ ଆମେ ସ୍ଥାନୀୟ ଖେଳନା ନିର୍ମାତାଙ୍କୁ ସମଗ୍ର ଭାରତରେ ଗ୍ରାହକଙ୍କ ନିକଟରେ ପହଂଚିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବାରେ ସକ୍ଷମ ହୋଇଛୁ । ଭାରତରେ ଖେଳନା ଶିଳ୍ପକୁ ସୁଦୃଢ କରିବା ଏବଂ ରପ୍ତାନୀ କେନ୍ଦ୍ର ଭାବରେ ଭାରତରେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବାଣିଜ୍ୟ ମନ୍ତ୍ରଣାଳୟର ଡିପିଆଇଆଇଟିର ପ୍ରୟାସକୁ ସମର୍ଥନ କରି ଆମେ ଆନନ୍ଦିତ । ଏହି କର୍ମାଶାଳା ଏବଂ ହ୍ୟାକାଥନ ସମସ୍ତ ଅଂଶଗ୍ରହଣକାରୀ ଅଂଶୀଦାରଙ୍କୁ ସରକାରଙ୍କ ଏହି ଲକ୍ଷ୍ୟ ହାସଲ ପାଇଁ ସୁଯୋଗ ଚିହ୍ନଟ କରିବାରେ ସାହାର୍ଯ୍ୟ କରିବ ।

## ୪୬ତମ ରାଜ୍ୟ ସ୍ତରୀୟ ଅହମଦୀୟା ଯୁବ ସଂଗଠନର ବାର୍ଷିକ ଇଜତେମା ଉଦଘାଟିତ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସଜିଦ ପରିସରରେ ଅଲ୍-ଓଡ଼ିଶା ଅହମଦୀୟା ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମଦୀୟାର ୪୬ ତମ ଜିଲ୍ଲା ସ୍ତରୀୟ ବାର୍ଷିକ ଇଜତେମା ଉଦଘାଟିତ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ଅଖିଳ ଭାରତ ଅହମଦୀୟା ଯୁବ ସଂଗଠନର ସଭାପତି ମୌଲାନା ଶମିମ ଅହମଦ ଘୋରୀ ପୌରୋହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ଅତାଉଲ ଶାଫି କରିଥିବା ବେଳେ ଯୁବ ସଂଗଠନର ଶପଥ ପାଠ ସଭାପତି କରାଇଥିଲେ । ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଶହୀଦମାନଙ୍କ ସ୍ମୃତିରେ ଇସହାକ ଅଲ୍ଲି ଉର୍ଦ୍ଦୁ ନଜମ ପଢି ଶୁଣାଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ସଭାପତି ଅମିରୁଦ୍ଦିନ ଖାଁ ଏବଂ ଜିଲ୍ଲା କଟକର ସଭାପତି ଅବ୍ଦୁଲ ମାଲିକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୌଲାନା ପ୍ରଭାରୀ ମିର ଅବ୍ଦୁଲ ହଫିଜ, ଇଷ୍ଟ ଇଣ୍ଡିଆ ଅହମଦୀୟା ଯୁବ ସଂଗଠନର ଉପସଭାପତି ସୟଦ ଅକିଲ ଅହମଦ, ବାଲେଶ୍ୱର ଜିଲ୍ଲା ଯୁବ ସଂଗଠନର ସଭାପତି ସିଦ୍ଦିକ ଖାଁ, ଭଦ୍ରକ ଜିଲ୍ଲା ଯୁବ ସଂଗଠନର ସଭାପତି ସୁଲତାନ ଅହମଦ, କଟକ ଜିଲ୍ଲା ଯୁବ ସଂଗଠନର ସଭାପତି ମହମ୍ମଦ ଶଫାକତ ଅଲ୍ଲି, ଖୋର୍ଦ୍ଧ ଓ ନୟାଗଡ଼ ଜିଲ୍ଲା ଯୁବ ସଂଗଠନର ସଭାପତି ତବରେଜ ଅହମଦ ତଥା ପୂର୍ବତନ ଯୁବ ସଂଗଠନର ସଭାପତି ଅଜିଜୁଲ୍ଲା ଖାଁ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ସଭାପତିତ୍ୱ ଭାଷଣରେ ମୌଲାନା ଶମିମ ଅହମଦ ଘୋରୀ କହିଲେ, ଯୁବ ଶକ୍ତି ଦେଶ ଓ ସମାଜର ସର୍ବବୃହତ ଶକ୍ତି । ଯୁବ ସୁଧାରରେ ହିଁ ସମାଜ ସୁଧାର ସମ୍ଭବ । ଶିକ୍ଷା ଓ ଜ୍ଞାନ ଆହରଣ ସହ ସଂସ୍କାର ଓ ଶିଷ୍ଟାଚାର ସିଖିବା ନିହାତି ଆବଶ୍ୟକ । ଧୈର୍ଯ୍ୟ,ସହନଶିଳତା,ସରଳତା, ସକାରତ୍ମକତା,ସଂଯମତା ତଥା ସମନ୍ୱୟତାର ଚରିତ୍ର ଗଠନ କରିବା ପାଇଁ ଅହମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ ।



## ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ଅବସରରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସର କାଳୀନ ଅବସରରେ ତିନିଜଣ ପ୍ରଧାନ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନସନ ରାଜ୍ୟରେ ପ୍ରଥମ ଥର କରି ପ୍ରଦାନ କରାଯାଇଛି । ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଉପସ୍ଥିତ ରହି ସିକୋ ଚନ୍ଦ୍ର ଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇ, ପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣିଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଥିଲେ । ଏଥିରେ ଶିକ୍ଷକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ତରାଇଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



## ପ୍ରଥମ ପର୍ଯ୍ୟାୟ ଯୁକ୍ତ୩ ନାମଲେଖା ଆବେଦନ ଶେଷ

ଧର୍ମଶାଳା, (ପିଏନ୍): ଯୁକ୍ତ ୩ କଲେଜରେ ନାମଲେଖା ଅବେଦନ ପ୍ରକ୍ରିୟା ସୋମବାର ଶେଷ ହୋଇଛି । ଧର୍ମଶାଳା ବ୍ଲକରେ ଥିବା ୫ଟି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୨୧୬ଟି ସିଟ ରହିଥିବା ବେଳେ ପ୍ରଥମ ପସନ୍ଦ ଭାବେ ୮୫୭ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ଏହି କଲେଜ ଗୁଡିକରେ କଳାରେ ୮୬୪ସିଟ ଥିବା ବେଳେ ୬୧୬ଜଣ , ବିଜ୍ଞାନରେ ୨୮୮ଟି ସିଟ ରହିଥିବା ବେଳେ ୨୧୪ଜଣ ଓ ବାଣିଜ୍ୟରେ ୬୪ସିଟ ରହିଥିବା ବେଳେ ୧୭ଜଣ ମୋଟ ୮୫୭ଜଣ ଆବେଦନ କରିଥିବା ଜଣାଯାଇଛି । ଆସ'। ୨୫ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟ' ଅପରାହ୍ନ ୪ଟା ଯାଏ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ । ଜୁଲାଇ ୫ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୬ ତାରିଖରୁ ୯ ତାରିଖ ଅପରାହ୍ନ ୪ଟା ଯାଏ ନାମଲେଖା ଚାଲିବ । ସେହିପରି ଜୁଲାଇ ୧୫ ତାରିଖରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୧୬ତାରିଖରୁ ୧୯ ତାରିଖ ଅପରହ୍ନ ୪ଟା ଯାଏ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ । ଅଗଷ୍ଟ ୧ରୁ ଯୁକ୍ତ ୩ ପ୍ରଥମ ବର୍ଷର ପାଠପଢା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଧର୍ମଶାଳା ଯୁକ୍ତ୩ କଲେଜରେ କଳାରେ ୨୫୬ସିଟ ଥିବା ବେଳେ ପ୍ରଥମ ପସନ୍ଦ ଭବେ ୨୦୯, ବିଜ୍ଞାନରେ ୧୬୦ ସିଟ ଥିବା ବେଳେ ୧୨୧ ଜଣ,ବାଣିଜ୍ୟରେ ୬୪ସିଟ ଥିବା ବେଳେ ୧୭ ଜଣ ପ୍ରଥମ ପସନ୍ଦ ଭାବେ ଆବେଦନ କରିଛନ୍ତି । ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ କଳାରେ ୧୨୮ ସିଟ ଥିବା ବେଳେ ୭୯ ଜଣ ଛାତ୍ରୀ ଆବେଦନ କରିଛନ୍ତି । ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୨୨୪ ସିଟ ଥିବା ବେଳେ ୧୩୩ଜଣ ଓ ବିଜ୍ଞାନରେ ୧୨୮ସିଟ ଥିବା ବେଳେ ୯୩ ଜଣ ଆବେଦନ କରିଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray